Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୨୩, ଭୁବନେଶ୍ୱର, ୨୨ ରୁ ୨୮ ଏପ୍ରିଲ, ୨୦୨୪ Vol-1, Issue-23, Bhubaneswar, 22 to 28 April , 2024

FOR EXCLUSIVE WEDDING CARDS

Bandhan
ସୁ-ସମ୍ପର୍କ ଗଢେ

ALL TYPES OF INVITATION CARDS

WE HAVE NO BRANCH
Ph:- 0674-2310196
Mob:- 8260685257

ବନ୍ଧନ
ସୁ-ସମ୍ପର୍କ ଗଢେ

ଏଠାରେ ନିମନ୍ତ୍ରଣ କାର୍ଡ ମିଳେ

# 'ଆମେ ନିର୍ବାଚନକୁ କଣ୍ଟ୍ରୋଲ କରିପାରିବୁ ନାହିଁ'

**ନୂଆଦିଲ୍ଲୀ:** 'ଆମେ ନିର୍ବାଚନକୁ କଣ୍ଟ୍ରୋଲ କରିପାରିବୁ ନାହିଁ। କୌଣସି ସନ୍ଦେହ ଆଧାରରେ ନିର୍ଦ୍ଦେଶ ଜାରି କରାଯାଇ ପାରିବ ନାହିଁ। ଅଦାଲତ ନିର୍ବାଚନର ନିୟନ୍ତ୍ରଣ ଅଥରିଟି ନୁହନ୍ତି।' ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ଓ ଭିଭିପାଟ୍ ସ୍ଲିପ୍ ସମ୍ବନ୍ଧରେ ହୋଇଥିବା ଆବେଦନର ରାୟକୁ ସଂରକ୍ଷିତ ରଖି ସୁପ୍ରିମକୋର୍ଟ ଏଭଳି କିଛି କହିଛନ୍ତି।



ଭିଭିପାଟ୍ ସହିତ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ) ମାଧ୍ୟମରେ ଦିଆଯାଇଥିବା ଭୋଟ୍‌ର ପୁନଃ ଯାଞ୍ଚ ପାଇଁ ଆବେଦନ ଉପରେ ସୁପ୍ରିମକୋର୍ଟ ରାୟ ସଂରକ୍ଷଣ ରଖିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତା ଓ ସଞ୍ଜୀବ ଖନ୍ନାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି ସମୟରେ କହିଛନ୍ତି ଯେ, ସନ୍ଦେହ ଆଧାରରେ ଆମେ ନିର୍ଦ୍ଦେଶ ଜାରି କରିପାରିବୁ ନାହିଁ। ନିର୍ବାଚନ ନିୟନ୍ତ୍ରଣକାରୀ ପ୍ରାଧିକରଣ ନୁହେଁ। ଯେଉଁ ରିପୋର୍ଟ ଉପରେ ଆପଣ ଭରସା କରୁଛନ୍ତି, ସେଥିରେ ଏପର୍ଯ୍ୟନ୍ତ କୌଣସି ହ୍ୟାକିଂ ଘଟଣା ଘଟିନାହିଁ। ଆମେ ଅନ୍ୟ କୌଣସି ସାମ୍ବିଧାନିକ ପ୍ରାଧିକରଣକୁ ନିୟନ୍ତ୍ରଣ କରିପାରିବୁ ନାହୁଁ। ଆମେ ନିର୍ବାଚନକୁ କଣ୍ଟ୍ରୋଲ କରିପାରିବୁ ନାହିଁ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ VVPAT କଥା ଉଲ୍ଲେଖ କରାଯାଇଥିଲା ଏବଂ ଏହାକୁ ପାଳନ କରାଯାଇଥିଲା। କିନ୍ତୁ ସମସ୍ତ ସ୍ଲିପ୍କୁ ମେଳ କରିବା ଉଚିତ୍ ବୋଲି କେଉଁଠାରେ କୁହାଯାଇଛି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ନିର୍ବାଚନ ଅଧିକାରୀ ଇଭିଏମ୍ ଓ ଭିଭିପାଟ୍‌କୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି। ଆମେ ଆପଣଙ୍କର ଚିନ୍ତାଧାରାକୁ ବଦଳାଇ ପାରିବୁ ନାହିଁ। ସନ୍ଦେହ ଆଧାରରେ ଆମେ କୌଣସି ନିର୍ଦ୍ଦେଶ ଜାରି କରିପାରିବୁ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ନିର୍ବାଚନ ସମୟରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ମାଧ୍ୟମରେ ଦିଆଯାଇଥିବା ଭୋଟ୍ ସହିତ ଭିଭିପାଟ୍? ସ୍ଲିପ୍?କୁ ମିଶାଇବା ପାଇଁ ସୁପ୍ରିମକୋର୍ଟ ଆବେଦନ ହୋଇଥିଲା। ଦୁଇ ଦିନି ଧରି ଏହି ଆବେଦନର ଶୁଣାଣି ଚାଲିଥିଲା। ଏହାପରେ ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତଙ୍କ ଏକ ବେଞ୍ଚ ଏପ୍ରିଲ ୧୮ରେ ଏହି ଆବେଦନ ଉପରେ ରାୟ ସଂରକ୍ଷିତ ରଖିଥିଲେ। ଏହି ମାମଲାରେ କୋର୍ଟ ନିର୍ବାଚନ ଆୟୋଗଙ୍କୁ ସ୍ପଷ୍ଟିକରଣ ମାଗିଥିଲେ। ଏଥିପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଡକାଇ ଥିଲେ। ସେ କୋର୍ଟଙ୍କ କିଛି ପ୍ରଶ୍ନର ଉତ୍ତର ଦେବା ପରେ ରାୟକୁ ସଂରକ୍ଷିତ ରଖାଯାଇଛି।

# ଆଇଏମଡିର 'ମୌସୁମୀ' ଆକଳନ: ଏଥର ସ୍ୱାଭାବିକ ଠାରୁ ଅଧିକ ବର୍ଷା

ଭୁବନେଶ୍ୱର (ଭିଓଭି): ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ନେଇ ଏବେ ଠାରୁ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ ବା ଆଇଏମଡି। ସବୁଥର ମୌସୁମୀ ସ୍ୱାଭାବିକ ରହିବ ବୋଲି କହୁଥିବା ଆଇଏମଡି ଏଥର କିଛି ଭିନ୍ନ ଆକଳନ କରିଛି। ଆଇଏମଡିର କହିବା କଥା ଯେ ଚଳିତ ବର୍ଷ ମୌସୁମୀ ବାୟୁ ଯୋଗୁ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ। ଦେଶରେ ୧୦୬% ବର୍ଷା ହୋଇପାରେ।

ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ମୌସୁମୀ ପ୍ରଭାବରେ ୯୬%ରୁ ୧୦୪% ମଧ୍ୟରେ ବର୍ଷା ହେଲେ ଏହାକୁ ସ୍ୱାଭାବିକ ବୋଲି ଧରା ଯାଏ। ୯୬%ରୁ +/- ୫ ବର୍ଷାକୁ ମଧ୍ୟ ସ୍ୱାଭାବିକ ବର୍ଷା କୁହାଯାଇଥାଏ। କିନ୍ତୁ ଏଥର ୧୦୬% ବର୍ଷା ହେବ ବୋଲି ଆଇଏମଡି କହିଛି।

ତେବେ ମୌସୁମୀ କେବେ ପ୍ରବେଶ କରିବ ଓ କେଉଁ ଅଞ୍ଚଳରେ କେତେ ବର୍ଷା ହେବ, ସେକଥା ଆଇଏମଡି ଏବେ କହି ନାହିଁ। ଆସନ୍ତା ମାସ ପ୍ରଥମ ସପ୍ତାହରେ ଆଇଏମଡି ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ ବୋଲି ଜଣାପଡ଼ିଛି।

ଆଇପିଏଡି କହିଛି ଯେ ଏଥର ମୌସୁମୀ ଉପରେ ଲା ନିନାର ପ୍ରଭାବ ଅଧିକ ରହିବ। ଏହାର ଅର୍ଥ ଭଲ ବର୍ଷା ହେବେ। ବିଶେଷ କରି ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଅଧିକ ବର୍ଷା ହୋଇପାରେ। ୧୯୫୧ରୁ ୨୦୨୩ ମଧ୍ୟରେ ମୌସୁମୀ ଉପରେ ୨୨ ଥର ଲା ନିନାର ପ୍ରଭାବ ପଡ଼ିଛି। ଏଥିଯୋଗୁ ଯୋଗୁ ଦେଶରେ ୯ ଥର ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି।

ସେହିପରି କେବଳ ୧୯୭୪ ଓ ୨୦୦୦ ମସିହାକୁ ଛାଡ଼ି ଦେଲେ ବାକି ସବୁଥର ଲା ନିନା ଯୋଗୁ ସ୍ୱାଭାବିକ ବର୍ଷା ହୋଇଥିଲା। କେବଳ ୧୯୪୭ ଓ ୨୦୦୦ ମସିହାରେ ଲା ନିନା ସତ୍ତ୍ୱେ ସ୍ୱାଭାବି ଠାରୁ କମ ବର୍ଷା ରେକର୍ଡ କରାଯାଇଥିଲା।

ଉତ୍ତରପଶ୍ଚିମ, ପୂର୍ବ ଓ ଉତ୍ତରପୂର୍ବ ରାଜ୍ୟଗୁଡ଼ିକର କିଛି ଅଞ୍ଚଳକୁ ଛାଡ଼ି ଦେଲେ ଦେଶର ଅନ୍ୟ ପ୍ରାନ୍ତରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ



ବୋଲି ଆର୍ଥ ସାଇନ୍ସ ମନ୍ତ୍ରଣାଳୟର ସଚିନ ଡ. ଏମ ରବିଚନ୍ଦ୍ରନ ସୂଚନା ଦେଇଛନ୍ତି। ତାଙ୍କ କହିବା କଥା ମୌସୁମୀ ଆରମ୍ଭରୁ ଏନ ନିନୋର ପ୍ରଭାବ ଦେଖାଯିବ। ତେଣୁ ପ୍ରାରମ୍ଭିକ ପର୍ଯ୍ୟାୟରେ ମୌସୁମୀ ଦୁର୍ବଳ ରହିପାରେ। କିନ୍ତୁ ଏହା ଉପରେ ଲା ନିନା ଯୋଗୁ ବର୍ଷାର ପରିମାଣ ବୃଦ୍ଧି ପାଇବ।

ସାଧାଣତଃ ମୌସୁମୀ ବର୍ଷାର ପ୍ରଭାବ ଏଲ ନିନୋ ଉପରେ ନର୍ଭର କରିଥାଏ। ଏଲ ନିନୋର ପ୍ରଭାବ ପଡ଼ିଲେ ବର୍ଷାର ମାତ୍ରା ସାଧାରଣତଃ କମ ହୋଇଥାଏ। ଦକ୍ଷିଣ ଓ ପଶ୍ଚିମ ଭାରତରେ ଯଦି ମୌସୁମୀ ବର୍ଷା ଉପରେ ଏଲ ନିନୋର ପ୍ରଭାବ ପଡ଼ିବ, ତା'ହେଲେ ମରୁଡ଼ି ସମସ୍ୟା ମଧ୍ୟ ସୃଷ୍ଟି ହେବାର ଆଶଙ୍କା ରହିଛି। ମୌସୁମୀ ଉପରେ ଚାଷୀମାନେ ନିର୍ଭର କରନ୍ତି। ତେଣୁ ସମସ୍ତେ ଭଲ ମୌସୁମୀ ବର୍ଷାକୁ ଅପେକ୍ଷା କରିଛନ୍ତି। ଏଥର ଏଲ ନିନୋ ବଦଳରେ ଲା ନିନାର ପ୍ରଭାବ ଅଧିକ ରହିବ ବୋଲି ଆଇଏମଡି କହିଥିବାରୁ ଏହା ଚାଷୀଙ୍କ ପାଇଁ ଏକ ଭଲ ଖବର। ସାଧରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ ୧ରେ କେରଳରେ ପ୍ରବେଶ କରିଥାଏ। ଏହାପରେ ପର୍ଯ୍ୟାୟକ୍ରମେ ଦେଶର ବିଭିନ୍ନ ପ୍ରାନ୍ତରେ ନିଜର ଉପସ୍ଥିତି ଜାହିର କରେ। କେରଳ ଛୁଇଁବାର ୧୦ ଦିନ ପରେ ମୌମୁସୀ ଓଡ଼ିଶାକୁ ପ୍ରବେଶ କରେ। ୨୦୨୩ରେ ମୌସୁମୀ ୭ ଦିନ ବିଳମ୍ବରେ କେରଳ ଛୁଇଁଥିଲା।

ତେବେ ଚଳିତ ବର୍ଷ ମୌସୁମୀ ଧାର୍ଯ୍ୟ ସମୟ ପୂର୍ବରୁ ଭାରତରେ ପ୍ରବେଶ କରିବ ବୋଲି କିଛି ଦିନ ତଳେ ଆଇଏମଡି କହିଥିଲା। ସେତେବେଳେ ମଧ୍ୟ ପାଣିପାଗ ବିଭାଗ ଏଥର ଅଧିକ ବୃଷ୍ଟିପାତ ହେବାର ସମ୍ଭାବନା ଥିବା ଆକଳନ କରିଥିଲା। ଆଜି ଆଇଏମଡି ବିଧିବଦ୍ଧ ଭାବେ ଦେଶରେ ମୌସୁମୀ ଯୋଗୁ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ ବୋଲି କହିଛି।

**୨୨ ରୁ ୨୮ ଏପ୍ରିଲ ୨୦୨୪**

## ଇଲେକ୍ଟୋରାଲ ବଣ୍ଡ୍

ଗଣତନ୍ତ୍ର ହେଉଛି ଲୋକଙ୍କ ଦ୍ୱାରା, ଲୋକଙ୍କର ଓ ଲୋକଙ୍କ ପାଇଁ। ଏଇଟି କାନକୁ ଭଲ ଶୁଭେ ଏବଂ ଲୋକଙ୍କ ଦ୍ୱାରା ଏକ ଗଣତାନ୍ତ୍ରିକ ସରକାର ନିର୍ବାଚିତ ହୋଇଥାଏ ବୋଲି ଆମେ ଭାବିଥାଉ। କିନ୍ତୁ, ଆମ ଭାରତୀୟ ଗଣତାନ୍ତ୍ରିକ ନିର୍ବାଚନ ବ୍ୟବସ୍ଥାର ଆଉ ଏକ ଲୁକ୍କାୟିତ ଦିଗ ବି ରହିଛି। ଅର୍ଥବଳ, ବାହୁବଳ ଓ ଲାଞ୍ଚ-ମିଛର ତିନି ଖମ୍ବ ଉପରେ ଏ ନିର୍ବାଚନୀ ବ୍ୟବସ୍ଥା ତିଷ୍ଠି ରହିଛି। ଅର୍ଥ ନ ଥିଲେ ବା କମ୍ ଟଙ୍କାରେ ନିର୍ବାଚନ ଲଢ଼ି କେହି ଜିତି ନାହାନ୍ତି ବା ଜିତି ପାରିବେନି, ତାହା ନୁହେଁ। ତେବେ, ଏହା ଆମ ନିର୍ବାଚନ ବ୍ୟବସ୍ଥାର ସାଧାରଣ ଚରିତ୍ର ନୁହେଁ, ଏକ ବ୍ୟତିକ୍ରମ ମାତ୍ର।

ଏବେ ବିଜୟୀ ବା ପ୍ରତିଦ୍ୱନ୍ଦ୍ୱୀ ବିଧାୟକ ପ୍ରାର୍ଥୀଟିଏ ଅତି କମ୍ ?ରେ ତିନିରୁ ଛଅ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସାଂସଦ ପ୍ରାର୍ଥୀଟିଏ ୧୫ରୁ ୨୦ କୋଟି ଟଙ୍କା ଖର୍ଚ୍ଚ କରୁଛି। ନିର୍ବାଚନ କମିସନଙ୍କ ଧାର୍ଯ୍ୟ ଖର୍ଚ୍ଚ ସୀମା ବିଧାୟକ ପ୍ରାର୍ଥୀ ପାଇଁ ୪୫ ଲକ୍ଷ ଟଙ୍କା ଓ ସାଂସଦ ପ୍ରାର୍ଥୀଙ୍କ ପାଇଁ ୯୫ ଲକ୍ଷ ଟଙ୍କା ରହିଛି। କହିବା ବାହୁଲ୍ୟ ଯେ, ପ୍ରାର୍ଥୀ ଓ ଦଳମାନଙ୍କ ଦ୍ୱାରା ନିର୍ବାଚନ ପ୍ରଚାର ଓ ଭୋଟ୍ କିଣାବିକାରେ ହେଉଥିବା ପ୍ରକୃତ ଖର୍ଚ୍ଚର ହିସାବ କେବେ ଦିଆଯାଏ ନାହିଁ।

ପ୍ରଶ୍ନ ଉଠେ, ନିର୍ବାଚନରେ ଖର୍ଚ୍ଚ ହେଉଥିବା ଏଇ ବିପୁଳ ଅର୍ଥ ଜଣେ ପ୍ରାର୍ଥୀଙ୍କ ପାଖକୁ ଆସେ କେଉଁଠୁ? ଯୁକ୍ତି ଛଳରେ କେହି କହିପାରନ୍ତି ଯେ, ଏ ତ ପାର୍ଟି ଦେଉଛି। ଠିକ୍ ଅଛି, ପାର୍ଟି ପାଖକୁ ଏ ବିପୁଳ ଅର୍ଥ ଆସେ କେଉଁଠୁ ? କିଏ କାହିଁକି ଏ ଅର୍ଥ ତାଙ୍କୁ ଦେଉଛି ? କେଉଁ ସ୍ୱାର୍ଥ ପାଇଁ ଅର୍ଥଦାତା ଗୋଟିଏ ରାଜନୈତିକ ଦଳକୁ ଏ ଅର୍ଥ ଦେଉଛି ?

ଏ ବିପୁଳ ଅର୍ଥର ଏକ ବଡ଼ ଉତ୍ସ ହେଉଛି ଦୁର୍ନୀତି। କ୍ଷମତାସୀନ ଦଳ କଂପାନି ସପକ୍ଷବାଦୀ ନୀତି ପ୍ରଣୟନ କରି ଆଇନଗତ ଭାବେ ଜନଗଣଙ୍କ କଷ୍ଟ-ଅର୍ଜିତ ସଂପତ୍ତିକୁ ଅଧିକରୁ ଅଧିକ ଲୁଣ୍ଠନ କରିବା ପାଇଁ ବଡ଼ବଡ଼ କଂପାନି ଓ ଅନ୍ୟ ଧନିକ ବର୍ଗର ଲୋକଙ୍କୁ ସୁଯୋଗ ଦେଲେ କିମ୍ବା ଭବିଷ୍ୟତରେ ଦେବାର ଭିତିରି ପ୍ରତିଶ୍ରୁତି ଦେଲେ, ତା' ବଦଳରେ ପାର୍ଟି ମୋଟା ଅଙ୍କର ଚାନ୍ଦା ପାଇଥା ?ଏ। ଏ ବ୍ୟବସ୍ଥା ୧୯୫୦ ମସିହା ପର ନିର୍ବାଚନ ଠାରୁ ଆଜିଯାଏ ଚାଲିଆସିଛି, ଯଦିଓ ଏହାକୁ ଦୁର୍ନୀତି ବୋଲି ଧରାଯାଇନାହିଁ। ହଁ କଂପାନିଟି ଖାଲି ଯେ କ୍ଷମତାସୀନ ଦଳକୁ ଚାନ୍ଦା ଦିଏ ତା' ନୁହେଁ, ବିରୋଧୀ ଦଳକୁ ମଧ୍ୟ ଟିକେ କମ୍ ପରିମାଣର ହେଲେ ବି ଚାନ୍ଦା ଦିଏ। କାରଣ, କଂପାନି ଓ ଧନିକ ସଂସ୍ଥାର ଅଧିକ ପସନ୍ଦର ଦଳଟି କ୍ଷମତାରେ ଥିଲେ ବି, ବିରୋଧୀ ଦଳର ମୁହଁ ବନ୍ଦ ପାଇଁ ହେଉ କିମ୍ବା ଭବିଷ୍ୟତରେ ବିରୋଧୀ ଦଳଟି କ୍ଷମତାକୁ ଆସିଲେ ତା' ଠାରୁ ସମାନ ପରିମାଣରେ ଫାଇଦା ଉଠାଇବା ଲକ୍ଷ୍ୟରେ ଏହି ଚାନ୍ଦା ଦେଇଥାଏ।

ଆଗରୁ ଏ ଟଙ୍କା କିଏ କାହାକୁ ଦେଉଥିଲା ଏବଂ ଦେଣନେଣର ପରିମାଣ କେତେ ତାହା ପ୍ରାୟ ଜଣାପଡୁଥିଲା। ଫଳରେ, ସରକାରରେ ଥିବା ଦଳଟି ଯେବେ ଗୋଟିଏ କଂପାନିକୁ ଅହେତୁକ ଅନୁକଂପା ଦେଖାଉଥିଲା, ସେବେ ବିରୋଧୀମାନେ କଂପାନି ସହ ସରକାରୀ ଦଳର ନାଁକୁ ମିଶାଇ ପ୍ରଚାର ଓ ଆନ୍ଦୋଳନ ଚଳାଉଥିଲେ। ଏଥିରେ ଚାପଗ୍ରସ୍ତ ହୋଇ ସରକାର ଖୋଲାଖୋଲି କଂପାନି ସପକ୍ଷବାଦୀ ନୀତି ପ୍ରଣୟନରୁ ଟିକେ ପଛକୁ ହଟିଯାଉଥିଲେ। ଏଭଳି କଂପାନି ଅନୁକଂପା ଓ ଲୁଟ୍ ବିରୋଧୀ ପ୍ରଚାର ଓ ଆନ୍ଦୋଳନ ତଥା ଦୁର୍ନୀତି ବିରୋଧୀ ଆନ୍ଦୋଳନର ଚାପରେ 'ୟୁପିଏ' ସରକାର ଦ୍ୱାରା ୨୦୧୩ର କଂପାନି ଆଇନରେ ଉଲ୍ଲେଖ କରାଗଲା ଯେ 'କଂପାନି ଯେ କୌଣସି ଦଳକୁ ଚାନ୍ଦା ଦେଇପାରିବ। କିନ୍ତୁ, ଏଇ ଚାନ୍ଦାକୁ କଂପାନିର ବୋର୍ଡରୁ ମଞ୍ଜୁରି ମିଳିବା ଦରକାର। ନଗଦ ଟଙ୍କା ଆକାରରେ ନୁହେଁ, ଚେକ୍ ଜରିଆରେ ଚାନ୍ଦା ଦେଣନେଣ ହେବ। କଂପାନିର ହିସାବରେ ଏଇ ଚାନ୍ଦାର ହିସାବ ଓ ଦଳର ନାଁ ରହିବ। ତେବେ, ଏଇ ଚାନ୍ଦାର ପରିମାଣ, ବିଗତ ୩ ବର୍ଷର କଂପାନି ଲାଭର ୭.୫%ରୁ ଅଧିକ ହୋଇପାରିବନି।'

୨୦୧୪ରେ କ୍ଷମତାକୁ ଆସିବା ପରେ ବିଜେପି ସରକାର ପ୍ରଥମେ ୨୦୧୭ରେ ଏଇ କଂପାନି ଆଇନରେ ସଂଶୋଧନ କରି ଚାନ୍ଦା ପରିମାଣର ସୀମାକୁ ହଟାଇ ଅସୀମ କରିଦେଲେ। ପୁଣି କଂପାନି କେଉଁ ଦଳକୁ ଚାନ୍ଦା ଦେଉଛି ତାହାକୁ ଗୁପ୍ତ ରଖିବାକୁ ବ୍ୟବସ୍ଥା କଲେ। ଏହାର ସିଧା ଅର୍ଥ ହେଲା, 'ତୁମେ ମୋତେ ଲାଞ୍ଚ ଦେଉଛ, ଏ କଥା କାହାକୁ କୁହନା। ତା' ବଦଳରେ ମୁଁ ତୁମକୁ ଫାଇଦା ପାଇବାର ଭଲ ଆଇନଗତ ସୁବିଧା ଦେବି।' ଏ ହେଲା ଏବେକା ଦୁର୍ନୀତିକୁ କେନ୍ଦ୍ର ସରକାରଙ୍କ ଆଇନଗତ ସ୍ୱୀକୃତି।

**ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ସମୟର ଆହ୍ୱାନ ! ସୁସ୍ଥ ମାନସିକତା !

**ପ୍ରଦୋଷ କୁମାର ଦାସ**

**ସାଂପ୍ରତିକ ସମୟରେ ସଂସାର, ସମାଜ, ଯେଉଁ ଭଳି ରୀତି ନୀତିରେ ଚାଲିଛି, ପୂର୍ବ ପୀଢ଼ି ଯାହା ଭୂଲ କରିଗଲେ, ତାକୁ ନ ଦୋହରାଇ ଏବଂ ସେଥିରୁ ନିବୃତ୍ତ ରହି ଉତ୍ତର ପୀଢୀ ସ୍ତରେ ସ୍ତରେ ଏହାର ତର୍ଜମା କରିବା ସହ ସେଥିରେ ଆପଣାଙ୍କୁ ସଂଶୋଧନ କରିଚାଲିବା ଆବଶ୍ୟକ। ଏଥି ନିମନ୍ତେ ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳାର ସହ ଆତ୍ମ ଉପଲବ୍ଧିର ଆବଶ୍ୟକତା ରହିଛି।**





ସବୃଠି ଏବେ ରାଗ ଦ୍ୱେଷ, ଲୋଭ , ରାହାଜାନୀ, ହଣାକଟା, ଗଣ୍ଡଗୋଳ, ଅସୂୟା ଭାବ, ଯୁଦ୍ଧର ଲେଲିହାନ ଶିଖା ଉଣା ଅଧିକେ ସମସ୍ତଙ୍କୁ ପ୍ରଭାବିତ କରି ରଖିଛି। ସ୍ଥାନେ ସ୍ଥାନେ ପ୍ରାୟ ସବୁସ୍ଥାନରେ ଉପୁଜୁଥିବା ସନ୍ତ୍ରାସରେ ସଭିଏଁ ସନ୍ତ୍ରସ୍ତ । ଶାନ୍ତି, ସଦ୍ଭାବ ଓ ମୈତ୍ରୀ ପାଇଁ ଏହାର ଅପନୋଦନ ନିହାତି ଆବଶ୍ୟକ।

କାୟ ମନୋବାକ୍ୟରେ ସଭିଏଁ କେଉଁଠି ନା କେଉଁଠି ଅସଂଯତ। ସକ୍ଷମ ମଣିଷଟିଏ ନିଜର କୁ- ବ୍ୟବହାର ଲାଗି ଆପେ ମାନସିକ ଅନଗ୍ରସର ଭଳି ବ୍ୟବହାର କରିବାକୁ ପଛାଉ ନାହାନ୍ତି। ଅଯଥା କଥାରେ ମୁଣ୍ଡ ଖେଳାଇବା ଉଚିତ୍ ନୁହେଁ ସମସ୍ତେ ଜାଣନ୍ତି। ହେଲେ ନକରାତ୍ମକ ଚିନ୍ତାଧାରା ସମସ୍ତଙ୍କୁ ଅସହାୟ ଓ ପ୍ରଭାବିତ କରି ରଖିଛି। ଭଲ ହେବାକୁ କେହି କାହିଁକି ଚାହୁଁନାହାଁନ୍ତି, ତାହା ଇଶ୍ୱରଙ୍କୁ ହିଁ ଜଣା !

ସାଂପ୍ରତିକ ସମୟରେ ବହୁ କ୍ଷେତ୍ରରେ ଭଲ ମଣିଷଙ୍କର ଘୋର ଅଭାବ ଦେଖାଦେଇଛି। ସଂସାରରେ ସଠିକ ମାର୍ଗରେ କେହି ଯିବାକୁ ଅବା ଆପଣାର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକ ଚିନ୍ତା ଓ ଚେତନାର ଉପଲବ୍ଧି ପାଇବାକୁ କାହାର ପ୍ରୟାସ ମଧ୍ୟ ରହୁନାହିଁ। ହୁଏତ ଖାସ ଏଇଥି ପାଇଁ କିଛି ଅସ୍ଥିର ମଣିଷଙ୍କର କାର୍ଯ୍ୟ ଓ କାରଣ ଅନେକଙ୍କୁ ଯାତନା ଦାୟକ ଭାବେ ବିଶେଷ ପ୍ରଭାବିତ କରୁଥିବା ଅନୁଭବରୁ ଜାଣିହୁଏ। ଦିନୁଦିନ, ପ୍ରତିଦିନ ସ୍ୱାର୍ଥପରତା ସ୍ୱଜନତା ମଣିଷଙ୍କୁ ବିବେଚନାହୀନ କରିରଖିଛି। ଏଣୁ ପରାର୍ଥ ଭାବନା ଏବେ ସାଧାରଣରେ ଶୁନ୍ୟ ହୋଇ ପଡ଼ିଛି। ସନ୍ଥକବି ଭୀମ ଭୋଇ ଙ୍କର ସେହି ଅମର ବାଣୀ ! " ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ। ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।" ଭଳି ପବିତ୍ର ଚିନ୍ତନ ଆମ ଭିତରେ ଧ୍ୟେୟ ହେବା ଉଚିତ୍। ଜନ୍ମରୁ ଅନ୍ଧ ହୋଇ ଏହା ତାଙ୍କର ଶରୀର ଅସମ୍ଭଗତି ବୋଲି ସେ କେବେ ବିବେଚନା କରିନାହାନ୍ତି। ନିଜର ଶରୀର ଅକ୍ଷମତାକୁ ଭୂଲି ସନ୍ଥକବି ଭୀମ ଭୋଇ ଆପଣାର ମନ ଓ ମସ୍ତିସ୍କର ସୁସ୍ଥତାର ପରିଚୟ ଦେଇ ଜଗତ କଲ୍ୟାଣ ପାଇଁ ନିଜକୁ ବିଭୂଙ୍କ ସମୀପେ ଉତ୍ସର୍ଗ କରିବାକୁ ବ୍ୟାକୁଳ ହୋଇ ଉଠିଛନ୍ତି। ହେଲେ, ହାୟ ! କାହା ଠାରେ ଏହା ଅବା କାହିଁ !

ଏହି ପବିତ୍ର ମହନୀୟ ଚିନ୍ତାରେ ଉଦବୁଦ୍ଧ ହେବାକୁ ହେଲେ ଆମ ସମସ୍ତଙ୍କୁ ପ୍ରତ୍ୟାଶାହୀନ ଏକ ଆରେକର ପରମ ଆତ୍ମୀୟ ହେବାକୁ ପଡିବ। ତେବେ ଏହା କେମିତି ସମ୍ଭବ ହେବ !

ଯେତେ ଦିନ ପର୍ଯ୍ୟନ୍ତ ଆମେ ଆପଣାର ଭଳିକି ଭଳି ସ୍ୱାର୍ଥ ସିଦ୍ଧିରେ ଲିପ୍ତ ରହି ଅନ୍ୟର ନିରାନନ୍ଦର କାରଣ ହେଉଥିବା,ଏହା କଦାଚିତ ସମ୍ଭବ ନୁହେଁ।

ସାଂପ୍ରତିକ ସମୟରେ ସଂସାର, ସମାଜ, ଯେଉଁ ଭଳି ରୀତି ନୀତିରେ ଚାଲିଛି, ପୂର୍ବ ପୀଢ଼ି ଯାହା ଭୂଲ କରିଗଲେ, ତାକୁ ନ ଦୋହରାଇ ଏବଂ ସେଥିରୁ ନିବୃତ୍ତ ରହି ଉତ୍ତର ପୀଢୀ ସ୍ତରେ ସ୍ତରେ ଏହାର ତର୍ଜମା କରିବା ସହ ସେଥିରେ ଆପଣାଙ୍କୁ ସଂଶୋଧନ କରିଚାଲିବା ଆବଶ୍ୟକ। ଏଥି ନିମନ୍ତେ ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳାର ସହ ଆତ୍ମ ଉପଲବ୍ଧିର ଆବଶ୍ୟକତା ରହିଛି।

ଏହି ଲେଖକ ଯିଏକି ଜଣେ ସ୍ୱେଚ୍ଛାକୃତ ଭାବେ ମୁକ୍ତ ବୃତ୍ତି ଶିକ୍ଷକ ଭାବରେ ବ୍ରତୀ ହୋଇ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଭ୍ରମଣ କରି ସେଠାରେ ଆବଶ୍ୟକ ଶିକ୍ଷା ଦାନ କରିବା ସହିତ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଶୈକ୍ଷିକ ଓ ମାନସିକ ସ୍ତରର ବିକାଶ ପାଇଁ ବିଭିନ୍ନ ପ୍ରସଙ୍ଗରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥାନ୍ତି। ଏହି ଅବସରରେ ଥରେ ସେ ଗୋଟିଏ ସରକାରୀ ଉଚ୍ଚ ଉଚ୍ଚବିଦ୍ୟାଳୟରେ ଶିକ୍ଷାଦାନ କାଳରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ପିଲାଙ୍କ ପାଇଁ ଏକ ପ୍ରଶ୍ନ ରଖିଥିଲେ। ପ୍ରଶ୍ନଟି ଥିଲା ଏହି ପରି।

ତୁମେ ଯଦି ଇଶ୍ୱରଙ୍କୁ ଏକ ବର ମାଗିବ, ତାହା ଗୋଟିଏ ଧାଡ଼ିରେ କଣ ମାଗିବ ?

ଉତ୍ତରରେ ସମସ୍ତେ ନିଜର ଭଲ ପାଠ, ବୁଦ୍ଧି, ଜ୍ଞାନ, ବଡ଼ ବଡ଼ ଚାକିରୀ, ଧନ, ଯଶ ସମ୍ମାନ ପାଇଁ ଆଶିଷ ଭିକ୍ଷା କରିବେ ବୋଲି ମତ ରଖିଥିଲେ।

ହାୟ ! କେହି ଆପଣାର ସୁସ୍ଥ ମନ, ସୁସ୍ଥ ମସ୍ତିଷ୍କ ତଥା ସୁସ୍ଥ ଶରୀର ପାଇଁ କେହି ଧ୍ୟାନ ଦେଲେ ନାହିଁ। ଶରୀରର ସୁସ୍ଥତା ନଥିଲେ ମନ ଓ ମସ୍ତିସ୍କର ସୁସ୍ଥତା ଆସିବ କାହୁଁ ? ଧୈର୍ଯ୍ୟ ଶକ୍ତି ବଳରେ ମନ ଓ ଆତ୍ମାର ସଠିକ୍ ଚାଳନାରେ ମନୁଷ୍ୟ ସର୍ବ କାର୍ଯ୍ୟରେ ଅସାଧ୍ୟ ସାଧନ କରିଥାଏ। ଏଥିପାଇଁ ଜ୍ଞାନୀ ମଣିଷର ଆତ୍ମାନୁଶୀଳତାର ଆବଶ୍ୟକତା ରହିଛି। ପ୍ରତ୍ୟାଶାହୀନ ପରାର୍ଥ ବିବେଚନା ପାଇଁ ଆପଣାର ମନ, ମସ୍ତିଷ୍କ ଓ ଚେତନା ର ସୁସ୍ଥତା ରହିଛି। ଏଥିରେ ଶରୀରର ସୁସ୍ଥତା ମଧ୍ୟ ଅମୂଲ୍ୟ ସମ୍ପଦ ଅଟେ। ମହାକବି କାଳିଦାସ ତାଙ୍କର 'କୁମାର ସମ୍ଭବମ' ନାମକ ମହାନ ସଂସ୍କୃତ କାବ୍ୟରେ ଲେଖିଯାଇଛନ୍ତି, 'ଶରୀରମାଦ୍ୟମ୍ଭ ଖଳୁ ଧର୍ମ ସାଧନମ୍'। ଉଦ୍ଧୃତାଂଶ ଉକ୍ତିଟିରେ ସ୍ୱାସ୍ଥ୍ୟ ହିଁ ପରମ ସଂପଦ ବୋଲି ତାତ୍ପର୍ଯ୍ୟ ରଖୁଛି। ଅଖାଦ୍ୟ ଓ ନିଶା ଠାରୁ ଦୂରେଇ ଆମ ସମସ୍ତଙ୍କୁ ସୁସ୍ଥ ରହି ଜଗତ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ହେବାକୁ ପଡିବ। ଏହା ଆମ ମନ ଓ ମସ୍ତିସ୍କର ସୁସ୍ଥତାରେ ସହଭାଗୀ ହେବ ହିଁ ହେବ।

କାରଣ ଶରୀରର ସୁସ୍ଥତା ସହିତ ମନ ଓ ମସ୍ତିସ୍କର ସୁସ୍ଥତା ନରହିଲେ କଦାଚିତ ସମାଜ ଓ ସଂସାରର ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ଅସମ୍ଭବ ମନେ ହୁଏ। ଏଣୁ ସବୁରିଙ୍କ ପାଇଁ ସୁସ୍ଥ ମନ, ଆତ୍ମା ଓ ଶରୀର ରକ୍ଷା ଏବେ ସମୟର ଆହ୍ୱାନ 'ଭଲ ହେଉ ତଥା ଜମା ଭୂଲ ନହେଉ।' ସବୁଠାରେ ଆତ୍ମୀୟତା ଆମ ଜୀବନକୁ ସମୃଦ୍ଧ କରୁ।

ଲେଖକ:-ସ୍ତମ୍ଭକାର, ନାଚୁଣୀ,ଖୋର୍ଦ୍ଧା
ପିନ:-୭୫୨୦୩୪, ଓଡ଼ିଶା
୬୩୭୦୪୯୫୯୪୪
mailpariprakas@gmail.com



ଭାଗ-୧ । ସଂଖ୍ୟା-୨୩ । ଭୁବନେଶ୍ୱର । ୨୨ ରୁ ୨୮ ଏପ୍ରିଲ୍ ୨୦୨୪
Vol-1 I Issue-23 I Bhubaneswar I 22 to 28 March 2024

# CELEBRATING THE RICH HERITAGE OF ODISHA



Nihar Ranjan Acharya



As the Sun sets on the horizon, casting a warm glow over the serene landscapes of Odisha, a vibrant spirit fills the air. It's the eve of Utkal Diwas, a day that commemorates the birth of Odisha as a separate state on April 1, 1936. This auspicious occasion is not just a date on the calendar; it's a celebration of Odisha's rich cultural heritage, its resilience, and its journey towards progress.

**A Tapestry of Culture and Tradition:**

Odisha, nestled on the eastern coast of India, is a land steeped in history and tradition. From the ancient temples of Bhubaneswar to the pristine beaches of Puri, every cornerof the state tells a story of its glorious past. The vibrant festivals like Rath Yatra, Durga Puja, and Konark Dance Festival add colour and fervour to the cultural tapestry of Odisha, attracting visitors from far and wide.

**Land of Temples and Artistry:**

Odisha is renowned for its magnificent temples, architectural marvels that stand as testament to the craftsmanship of ancient artisans. The towering spires of the Lingaraj Temple, the intricate carvings of the Sun Temple at Konark, and the serene beauty of the Jagannath Temple in Puri draw pilgrims and tourists alike, offering a glimpse into the spiritual heart of the state.

But Odisha's artistic heritage extends beyond its temples. The state is famous for its exquisite handloom and handicrafts, including the intricate silver filigree work of Cuttack, the vibrant applique work of Pipli, and the delicate ikat weaving of Sambalpur. These traditional crafts not only showcase the skill and creativity of Odisha's artisans but also provide a livelihood for countless families across the state.

**A Melting Pot of Cuisine:**

No celebration in Odisha is complete without indulging in its delectable cuisine. From the mouth-watering flavours of the seafood delicacies along the coast to the wholesome vegetarian fare of the inland regions, Odisha's culinary heritage is as diverse as its landscape. The famous Odia sweets like Rasgulla,Chhena-poda, and Pitha are a delight for the taste buds, reflecting the State's love for sweets and desserts.

**Looking Towards the Future:**

As Odisha celebrates Utkal Diwas, it also looks towards the future with hope and determination. Over the years, the State has made significant strides in various fields, including infrastructure development, healthcare, and education. Initiatives like the Mission Shakti Program, aimed at empowering women through self-help groups, and the Make in Odisha campaign, promoting industrial growth and investment, are paving the way for a brighter tomorrow.

But amidst the progress and modernization, Odisha remains rooted in its culture and traditions, cherishing its heritage and identity. Utkal Diwas is not just a day of celebration; it's a reminder of the resilience and strength of the people of Odisha, who have overcome countless challenges throughout history.

As the Sun rises on Utkal Diwas, let us join hands to celebrate the spirit of Odisha - a land of diversity, beauty, and boundless potential. Let us honour its past, embrace its present, and envision a future filled with prosperity and peace. Happy Utkal Diwas!

Founder and Working Director, TRUST – a Science Lover Organization
'Scientific Officer',
Indian Climate Congress

Email: nihar.acharya@rediffmail.com, nihar.acharya1973@gmail.com
Ph.8249775817

# ବଢୁଛି ତାତି: ଭୁବନେଶ୍ୱର ସବୁଠୁ ଉତ୍ତପ୍ତ



ଭୁବନେଶ୍ୱର (ଭିଓଭି): ସମଗ୍ର ରାଜ୍ୟରେ ଜାରି ରହିଛି ପ୍ରଚଣ୍ଡ ଖରା। ତତଲା କଡ଼େଇରେ ସିଝିବାରେ ଲାଗିଛନ୍ତି ରାଜ୍ୟବାସୀ। ଆସନ୍ତା ସପ୍ତାହେ ଯାଏ ଏପରି ତାତିରୁ ମିଳିବ ନାହିଁ କୌଣସି ଆଶ୍ୱସ୍ତି। ଆଜି ମଧ୍ୟ ଉପକୂଳରୁ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଅସହ୍ୟ ତାତି ସମସ୍ତଙ୍କୁ କଲବଲ କରିଛି।

ରାଜଧାନୀ ଭୁବନେଶ୍ୱର ପାଲଟିଛି ରାଜ୍ୟରୁ ସବୁଠାରୁ ତତଲା ସହର। ଏଠାରେ ଦିନ ସାଢ଼େ ୨ଟା ସୁଦ୍ଧା ସର୍ବୋଚ୍ଚ ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ କରାଯାଇଛି। ଗତକାଲି ରାଜଧାନୀରେ ପାରଦ ୪୧.୫ ଡିଗ୍ରୀ ରେକର୍ଡ କରାଯାଇଛି। ଏହାର ଅର୍ଥ ଦିନକରେ ତାତି ୨ ଡିଗ୍ରୀ ବୃଦ୍ଧି ପାଇଛି। ସୋମବାର ଭୁବନେଶ୍ୱର ଦେଶର ସବୁଠାରୁ ଉତ୍ତର ସହର ବନିଥିଲା। ଏଠାରେ ପାରଦ ୪୩.୮ ଡିଗ୍ରୀ ରେକର୍ଡ କରାଯାଇଥିଲା।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଦିନ ସାଢ଼େ ୨ଟା ସୁଦ୍ଧା ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି। ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହ ପାଲଟି ଥିବା ବେଳେ ଏହା ପଛକୁ ଝାରସୁଗୁଡ଼ା ରହିଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୨.୯ ଡିଗ୍ରୀ ରେକର୍ଡ ହୋଇଛି।

ଚାନ୍ଦବାଲିରେ ୪୨.୨, ବାଲେଶ୍ୱର ୪୧.୪ ଡିଗ୍ରୀ ରାଉରକେଲାରେ ୪୦.୮ ଡିଗ୍ରୀ, ସମ୍ବଲପୁରରେ ୪୦.୧ ଡିଗ୍ରୀ, ହୀରାକୁଦରେ ୪୦.୧ ଡିଗ୍ରୀ, କେନ୍ଦୁଝରରେ ୩୮.୪ ଡିଗ୍ରୀ, ଗୋପାଳପୁରରେ ୩୫.୪ ଡିଗ୍ରୀ, ପୁରୀରେ ୩୫.୨ ଡିଗ୍ରୀ ଓ ପାରଦ୍ୱୀପରେ ତାପମାତ୍ରା ୩୪.୬ ଡିଗ୍ରୀ ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ପାଣିପାଗ କେନ୍ଦ୍ର ଆହୁରି କହିଛି ଯେ ଆସନ୍ତା ସପ୍ତାହେ ପାଇଁ ରାଜ୍ୟରେ ଅସହ୍ୟ ତାତି ଅନୁଭୂତ ହେବ। ଆସନ୍ତା ୨୫ରୁ ମେ ୨ ତାରିଖ ଯାଏ ତାପମାତ୍ରା ଅଧିକ ରହିବ ବୋଲି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି। ଶୁଷ୍କ ବାୟୁ ପ୍ରବାହ ଯୋଗୁ ତାପମାତ୍ରା ସାଢ଼େ ୬ ଡିଗ୍ରୀ ବଢ଼ିବା ଆଶଙ୍କା ରହିଛି। ସିଭିୟର ହିଟୱେଭ୍ ସହ ତାପମାତ୍ରା ୪୫ ଟପିପାରେ ବୋଲି ମଧ୍ୟ ସେ କହିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୨୭ ଓ ୨୮ ତାରିଖରେ ପାଇଁ ୨୯ ଜିଲ୍ଲାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। କେବଳ କୋରାପୁଟ ଜିଲ୍ଲାକୁ ଗ୍ରୀନ୍ ୱାର୍ଣ୍ଣିଂ ଦେଇଛି ପାଣିପାଗ କେନ୍ଦ୍ର।

# ୨୫ରୁ ଖରା ଛୁଟି

ଭୁବନେଶ୍ୱର (ଭିଓଭି): ଚଳିତ ଏପ୍ରିଲ ୨୫ ତାରିଖରୁ ଗ୍ରୀଷ୍ମ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଆସନ୍ତାକାଲିଠାରୁ ଅର୍ଥାତ୍ ଏପ୍ରିଲ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ଚାଲିବ। ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ସ୍କୁଲ୍ ଗୁଡ଼ିକ ଖୋଲା ରହିବ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଓ ପାଣିପାଗ ବିଭାଗର ସୂଚନାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

ଗ୍ରୀଷ୍ମ ଛୁଟି ସମୟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପାଇଁ ଶିକ୍ଷା ତଥା ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କରାଯିବ ବୋଲି ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରାଯାଇଛି।

ରାଜ୍ୟରେ ସପ୍ତାହେ ହେଲାଣି ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଛି। ଏହାକୁ ଦୃଷ୍ଟିରେ ରଖି ଗତ ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ୩ ଦିନ ପାଇଁ ସମସ୍ତ ସ୍କୁଲ୍‌ଗୁଡ଼ିକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଥିଲେ। ଆଜିଠାରୁ ୨୪ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବ। ତେଣୁ ପାଗ ଟିକେ ଭଲ ରହିପାରେ। କିନ୍ତୁ ୨୫ ତାରିଖରୁ ପୁଣି ଖରାର ପ୍ରକୋପ ଅନୁଭୂତ ହୋଇପାରେ। ଏପ୍ରିଲ ୨୬ରୁ ମେ' ୨ ପର୍ଯ୍ୟନ୍ତ ପୁଣି ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାକୁ ଦୃଷ୍ଟିରେ ରଖି ସରକାର ଆଜି ସ୍କୁଲ ଗୁଡ଼ିକୁ ଖରା ଛୁଟି ଘୋଷଣା କରିଛନ୍ତି।



# ବରିଷ୍ଠଙ୍କୁ ଲଲିପପ୍, ଦଳଡ଼ିଆଁଙ୍କୁ ପୁରସ୍କାର

**ଭୁବନେଶ୍ୱର (ଭିଓଭି):** ୨୫ବର୍ଷ ଧରି କ୍ଷମତାସୀନ ବିଜେଡି ପ୍ରଥମଥର ପାଇଁ ଚଳିତ ସାଧାରଣ ନିର୍ବାଚନରେ ନିଜ ନେତା, କର୍ମୀ ଓ କ୍ୟାଡ଼ରଙ୍କ ଆଭିମୁଖ୍ୟକୁ ନେଇ ଆଶଙ୍କାରେ ରହିଛି। ପ୍ରାୟୋଜିତ ସର୍ଭେ ଆଳରେ ବିଜେଡିର ତଥାକଥିତ ରଣନୀତିକାରମାନେ ସ୍ଥାନୀୟ କର୍ମୀ ଓ ଅଂଚଳବାସୀଙ୍କ ଭାବାବେଗକୁ କୁଠାରଘାତ କରି ମନଇଚ୍ଛା ଟିକେଟ୍ ବାଂଟିଛନ୍ତି ଆଉ ସେହି ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ କର୍ମୀଙ୍କ ଉପରେ ଚାପ ପକାଇବାରେ ଲାଗିଥିବା ଜଣାପଡ଼ିଛି । ଆଉ ଦଳ ଯେଉଁ ନେତାମାନଙ୍କ ଟିକେଟ୍ କାଟିଛି ଅବା ଆଶାୟୀଙ୍କୁ ଟିକେଟ୍ ଦେଇନି ସେମାନଙ୍କୁ ଲଲିପପ୍ ଦେଇ ସନ୍ତୁଷ୍ଟ କରିବାକୁ ପ୍ରୟାସ କରିଛି। ବିଜେଡିର ପ୍ରତିଷ୍ଠାତା ସଦସ୍ୟ ଅମର ଶତପଥୀଙ୍କ ସମେତ ବରିଷ୍ଠ ନେତା ଶଶୀଭୂଷଣ ବେହେରା, ଭୂପିନ୍ଦର ସିଂ ଓ ଶ୍ରୀମୟୀ ମିଶ୍ରଙ୍କ ଭଳି ଆଗଧାଡ଼ିର ନେତାଙ୍କୁ ତାଚ୍ଛଲ୍ୟ କରିବା ଭଳି ଦଳୀୟ ପଦବୀ ଦେଇ ତୁଷ୍ଟୀକରଣ ନିମନ୍ତେ ପ୍ରୟାସ କରିଥିବା ଜଣାପଡ଼ିଛି । ଦଳ ମାତ୍ର ୬ଟି ବିଧାନସଭା ଆସନ ବ୍ୟତୀତ ସବୁ ସିଟରେ ନିଜର ପ୍ରାର୍ଥୀ ଘୋଷଣା କରିଥିଲେ ମଧ୍ୟ ଦୀର୍ଘବର୍ଷ ଧରି ଦଳ ପାଇଁ କାମ କରୁଥିବା ସକ୍ରିୟ କର୍ମୀ ଓ ନେତାମାନଙ୍କୁ ହତୋତ୍ସାହିତ କରିବାକୁ ପଛାଇ ନାହିଁ ।

ସୂଚନା ଅନୁସାରେ, ବିଜେଡି ନିଜର ନିର୍ବାଚନୀ ଇତିହାସରେ ପ୍ରଥମଥର ପାଇଁ ତୃଣମୂଳସ୍ତରରେ ଦଳୀୟ କର୍ମୀ ଓ କ୍ୟାଡ଼ରଙ୍କ ଅସନ୍ତୋଷର ସାମ୍ନା କରିଛି। ନିମାପଡ଼ା ହେଉ ଅବା ବଡ଼ଚଣା ବିଧାନସଭା ଅବାପୁଣି ବ୍ରହ୍ମପୁର, ବାଲେଶ୍ୱର, ଭୁବନେଶ୍ୱର ଅବା ବରଗଡ଼ ସଂସଦୀୟ କ୍ଷେତ୍ର ସବୁଠି ପ୍ରାୟ ଦଳର କର୍ମୀ ଓ କ୍ୟାଡ଼ରଙ୍କ ମଧ୍ୟରେ ଦଳୀୟ ପ୍ରାର୍ଥୀଙ୍କୁ ନେଇ




ତୀବ୍ର ଆକ୍ରୋଶ ଲାଗି ରହିଛି । ବଡ଼ଚଣା ଭଳି ଆସନରେ ଦଳର ପ୍ରତିଷ୍ଠାତା ସଦସ୍ୟ ଅମର ଶତପଥୀଙ୍କୁ ପଛରେ ପକାଇ ଜଣେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ବିଜେଡି ଟିକେଟ୍ ଦେଇଛି। ସେହି ଅଭିନେତ୍ରୀ ବିଜେଡିରେ ମିଶିବାର ମାତ୍ର ୩-୪ଦିନ ମଧ୍ୟରେ ଦଳୀୟ ଟିକେଟ୍ ପାଇଛନ୍ତି। ବିଜେଡିର ସାଂଗଠନିକ କାର୍ଯ୍ୟରେ ସାମାନ୍ୟତମ ସହଯୋଗ ନଥାଇ, ପୁଣି ପ୍ରତ୍ୟକ୍ଷ ଅବା ପରୋକ୍ଷ ଭାବେ ବଡ଼ଚଣା ସହ ସମ୍ପୃକ୍ତି ନଥାଇ ତାଙ୍କୁ ଦଳ କାହିଁକି ଟିକେଟ୍ ଦେଲା ତାକୁ ନେଇ ନାନାଦି ଚର୍ଚ୍ଚା ଜୋର୍ ଧରିଛି ।

ଚର୍ଚ୍ଚା ହେଉଛି, ତୃତୀୟ ମହଲାର ଜଣେ ଅଫିସର ଜିଦ୍ କରି ବର୍ଷାଙ୍କୁ ଦଳୀୟ ଟିକେଟ୍ ଦେଇଛନ୍ତି । ଆଉ ବର୍ଷାଙ୍କୁ ବଡ଼ଚଣା ବିଜେଡି କର୍ମୀମାନେ ପ୍ରତ୍ୟାଖ୍ୟାନ କଲେ ମଧ୍ୟ ତାଙ୍କର ଟିକେଟ୍ ବଦଳିବ ନାହିଁ ବୋଲି ଦଳ ପକ୍ଷରୁ କୁଆଡ଼େ ରୋକଠୋକ୍ ଶୁଣାଇ ଦିଆଯାଇଛି । ଅର୍ଥାତ୍ ବର୍ଷାଙ୍କୁ ସମର୍ଥନ କରିବାକୁ ପରୋକ୍ଷରେ ଦଳୀୟ କର୍ମୀମାନଙ୍କ ଉପରେ ଚାପ ପକାଯାଉଥିବା ଜଣାପଡ଼ିଛି । ଏପଟେ ପ୍ରତିଷ୍ଠାତା ସଦସ୍ୟ ଅମର ଶତପଥୀଙ୍କୁ ଦଳର 'ବରିଷ୍ଠ ଉପସଭାପତି' ପଦରେ ଥଇଥାନ କରାଯାଇଛି । ଅମରଙ୍କୁ ଛିଗୁଲେଇଲା ଭଳି ଏହି ପଦବୀ ଦେଇ ବର୍ଷାଙ୍କ ସହ ବଡ଼ଚଣାରେ ବୁଲିବାକୁ କୁଆଡ଼େ ତାଗିଦ୍ କରାଯାଇଥିବା ସୂଚନା ମିଳିଛି ।

ସେହିପରି କଳାହାଣ୍ଡି ଜିଲ୍ଲାରେ ମମିତା ମେହେର ହତ୍ୟା ଅଭିଯୋଗରେ ବିବାଦୀୟ ଦିବ୍ୟଶଙ୍କର ମିଶ୍ରଙ୍କୁ ଟିକେଟ୍ ଧରାଇଥିବା ବିଜେଡି କିନ୍ତୁ ଭୂପିନ୍ଦର ସିଂଙ୍କ ଭଳି ବରିଷ୍ଠ ନେତାଙ୍କୁ ଅଣଦେଖା କରିବାକୁ ପଛାଇନାହିଁ । ତାଙ୍କୁ ଟିକେଟରୁ ବଂଚିତ କରିବା ପରେ 'କଳାହାଣ୍ଡି ଜିଲ୍ଲା ପ୍ରଚାର କମିଟି ଅଧ୍ୟକ୍ଷ' ଭଳି ଏକ ନୂଆ ପଦବୀରେ ଥଇଥାନ କରିଛି । ଏଭଳି ପଦବୀ ବିଜେଡିରେ ନୂଆ ଓ କେବଳ ଛିଗୁଲେଇବା ପାଇଁ ଉଦ୍ଦିଷ୍ଟ ବୋଲି ଜଣାପଡ଼ିଛି । ନର୍ଲାରେ ଯାହାଙ୍କୁ ବିଜେଡି ନିଜର ପ୍ରାର୍ଥୀ କରିଛି ସେ ଓଡ଼ିଆରେ ଦୁଇଧାଡ଼ି ଠିକସେ ପଢ଼ି ମଧ୍ୟ ପାରୁନଥିବା ଚର୍ଚ୍ଚା ହେଉଛି । ଭୂପିନ୍ଦରଙ୍କ ଭଳି ବରିଷ୍ଠ ନେତାଙ୍କୁ ଅପମାନିତ କରିବାର ସବୁ କୌଶଳ ବିଜେଡି ଆପଣାଇବାକୁ ପଛାଇ ନଥିବା ଜଣାପଡ଼ିଛି ।

ସେହିପରି ଦଳର ଆଗଧାଡ଼ିର ମହିଳା ଚେହେରା ଶ୍ରୀମୟୀ ମିଶ୍ରଙ୍କୁ 'ମହିଳା ବିଜେଡିର କାର୍ଯ୍ୟକାରୀ ସଭାନେତ୍ରୀ' ପଦବୀରେ ଥଇଥାନ କରାଯାଇଛି । ଶ୍ରୀମୟୀଙ୍କୁ ସମ୍ଭାବ୍ୟ ସାଂସଦ ପ୍ରାର୍ଥୀ କରି ୬ମାସ ବୁଲାଇବା ପରେ ଟିକେଟରୁ ବଂଚିତ କରିଥିବା ବିଜେଡି ତାଙ୍କୁ ଛିଗୁଲେଇଲା ଭଳି 'ମହିଳା ବିଜେଡିର କାର୍ଯ୍ୟକାରୀ ସଭାନେତ୍ରୀ' ପଦ ଦେଇଛି । ଯଦିଓ ଶ୍ରୀମୟୀ ଏବେ ବିଜେଡିର ସାଧାରଣ ସମ୍ପାଦକ ଅଛନ୍ତି । ୫ବର୍ଷ ପୂର୍ବେ ସେ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ମଧ୍ୟ ଥିଲେ । ଦଳ ଏବେ ତାଙ୍କୁ ପଦୋନ୍ନତି ଦେଲା ନା ଅବନତି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଶ୍ରୀମୟୀ ବିଜେଡିର ମହିଳା ଚେହେରା ହୋଇଥିଲେ ମଧ୍ୟ ଦଳ ତାଙ୍କୁ ପ୍ରଥମେ ଚକ୍ରବ୍ୟୁହ ରଚି ଟିକେଟରୁ ବଂଚିତ କରିବା ଓ ପରେ ତାଙ୍କୁ ଅପମାନିତ କରିବା ଭଳି ପଦବୀରେ ଥଇଥାନ କରବାକୁ ପଛାଇ ନଥିବା ଚର୍ଚ୍ଚା ହେଉଛି ।

ଅନ୍ୟପକ୍ଷରେ ବିଜେଡିରେ ଦଳଡ଼ିଆଁ ନେତାଙ୍କ ପ୍ରଭାବ ଅଧିକ ରହିଛି । ୯ରୁ ଅଧିକ ଦଳଡ଼ିଆଁ ନେତାଙ୍କୁ ଲୋକସଭା ଟିକେଟ୍ ଧରାଇଥିବା ବିଜେଡି ୧୬ରୁ ଅଧିକ ଦଳଡ଼ିଆଁ ନେତାଙ୍କୁ ବିଧାନସଭା ଟିକେଟ୍ ଦେବାକୁ ପଛାଇ ନାହିଁ । ୮ ବିଧାୟକଙ୍କ ପତ୍ନୀଙ୍କୁ ଓ ୨ ବିଧାୟକଙ୍କ ପୁଅକୁ ଟିକେଟ୍ ଦେଇଥିବା ବିଜେଡି ୭ଜଣ ବରିଷ୍ଠ ନେତାଙ୍କ ସମ୍ପର୍କୀୟଙ୍କୁ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନରେ ଟିକେଟ୍ ଦେଇଛି ।

# ନିର୍ବାଚନରେ ଲୁଙ୍ଗି ବନାମ ଧୋତି ଓ୍ୱାର





**ଭୁବନେଶ୍ୱର (ଭିଓଭି):** ଓଡ଼ିଶା ନିର୍ବାଚନ ତାତି ବଢ଼ିବା ସହ ଲୁଙ୍ଗି ବନାମ ଧୋତି ଯୁଦ୍ଧ ତୀବ୍ର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୁଙ୍ଗି ପିନ୍ଧା କ୍ୟାମ୍ପେନ୍ ଭିଡିଓ ଭାଇରାଲ ହେବା ପରଠାରୁ ରାଜ୍ୟ ନିର୍ବାଚନୀ ପାଣିପାଗରେ ଏବେ ଟ୍ରେଣ୍ଡ କରୁଛି ଲୁଙ୍ଗି ବନାମ ଧୋତିର ଲଢ଼େଇ।

ଏମିତି ବି ଓଡ଼ିଆ ଅସ୍ମିତାକୁ ମୁଦ୍ଦା କରିଥିବା ବିଜେପି ଏହାକୁ ଏକ ବଡ଼ ପ୍ରସଙ୍ଗ କରି ଶାସକ ଦଳକୁ ଘେରିବା ଆରମ୍ଭ କରିଛି। ସୋଶାଲ ମିଡିଆଠାରୁ ଆରମ୍ଭ କରି ଜନସାଧାରଣରେ ବି ଏହାକୁ ନେଇ ଦେଖାଦେଲାଣି ଜୋରଦାର ପ୍ରତିକ୍ରିୟା ଯେବେଠାରୁ ସୋଶାଲ ମିଡିଆରେ ନବୀନଙ୍କ ଲୁଙ୍ଗି ପିନ୍ଧା କ୍ୟାଂପେନ୍ ଭିଡିଓ ବାର୍ତ୍ତା ଭାଇରାଲ୍ ହେଲାଣି, ସେବେଠୁ ଲୁଙ୍ଗିକୁ ନେଇ ଚର୍ଚ୍ଚା, ଆଲୋଚନା ଓ ସମାଲୋଚନା। ସୋମବାର ସଂଧ୍ୟାରେ ପ୍ରଥମେ ବିଜେଡି ନେତାମାନଙ୍କ ସୋଶାଲ ମିଡିଆ ହ୍ୟାଣ୍ଡେଲରେ ଏହି ଭିଡିଓ ପୋଷ୍ଟ ହୋଇଥିଲା। ଯାହାକୁ ନେଇ ମଙ୍ଗଳବାର ଝାରସୁଗୁଡ଼ା ଜିଲ୍ଲା ଲଇକେରାଠାରେ ଆୟୋଜିତ ବିଜେପିର ମିଶ୍ରଣ ପର୍ବରେ କଟାକ୍ଷ କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଥିଲେ ଯେ ନବୀନ ବାବୁଙ୍କୁ ଲୁଙ୍ଗି ପିନ୍ଧାଇବା ବଦଳରେ ପାଇଜାମା ପିନ୍ଧାଇ ଆଣିଥିଲେ ଭଲ ହୋଇଥାଆନ୍ତା।

ଧର୍ମେନ୍ଦ୍ରଙ୍କ କଟାକ୍ଷ ପରେ ମଙ୍ଗଳବାର ସଂଧ୍ୟାରେ ବିଜେଡିର ସାମ୍ବାଦିକ ସମ୍ମିଳନୀ କରି ଏହାର ଜବାବ ଦେଇଥିଲା। ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଅବସରରେ ବିଜେଡିର ମୁଖପାତ୍ର ଏବଂ ପାନେଲିଷ୍ଟ ଲୁଙ୍ଗି ପିନ୍ଧି ମଞ୍ଚ ଉପରକୁ ଆସି ଏହାକୁ କାଉଣ୍ଟର କରିଥିଲେ।

ତା'ସହ ମିଡିଆ ସାମନାରେ ଫଟୋ ପୋଜ୍ ଦେଇଥିଲେ। ଡ୍ରେସ୍ କୋଡ୍ ପଛରେ ବିଜେଡି ଯୁକ୍ତି ବାଢ଼ି ବୁଣାକାରଙ୍କୁ ସମର୍ଥନ ସହ ଓଡ଼ିଶାର ପରମ୍ପରା ଓ ସଂସ୍କୃତିର କଥା ବଖାଣିଥିଲା।

ତେବେ ରାଜ୍ୟ ରାଜନୀତିରେ ଲୁଙ୍ଗି ଚର୍ଚ୍ଚା ଏତିକିରେ ଥମି ନାହିଁ। ବରିଷ୍ଠ ବିଜେପି ନେତା ସଜ୍ଜନ ଶର୍ମା ଏକ୍ସରେ ଲୁଙ୍ଗି କ'ଣ ଆମ ସଂସ୍କୃତି କି ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ରାଜ୍ୟ ବିଜେପିର ପୂର୍ବତନ ସଭାପତି ସମୀର ମହାନ୍ତି, ଓଡ଼ିଆ ଅସ୍ମିତା ବନାମ କ୍ରୀତଦାସ ମାନସିକତା ବୋଲି ଦର୍ଶାଇ ଲୁଙ୍ଗି ନୁହଁ, ବରଂ ଧୋତି ଆମ ଓଡ଼ିଶାର ସ୍ୱାଭିମାନ ଏବଂ ଅସ୍ମିତାର ପରିଚୟ ବୋଲି ଲେଖିଛନ୍ତି।

ଅନ୍ୟପକ୍ଷରେ ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଗୋଟିଏ ଧୋତି ପିନ୍ଧା ଫଟୋ ପୋଷ୍ଟ କରିବା ସହିତ ଲେଖିଛନ୍ତି, ଧୋତି ଓଡ଼ିଶାର ଅସ୍ମିତାର ପରିଚୟ। ଲୁଙ୍ଗି ବାଂଲାଦେଶରୁ ଆସିଥିବା ଫେରିବାଲା ପିନ୍ଧନ୍ତି। ଲୁଙ୍ଗି ତାମିଲନାଡୁରେ ପିନ୍ଧନ୍ତି, ନମାଜ କଲାବେଳେ ଲୁଙ୍ଗି ପିନ୍ଧାଯାଏ। ଲୁଙ୍ଗିକୁ ବିଜେଡି କାହିଁକି ଏତେ ପ୍ରେମ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ତେବେ ଓଡ଼ିଶାର ଲୋକେ ଲୁଙ୍ଗି ପରିଧାନ କରନ୍ତି ନାହିଁ ବୋଲି କୁହାଯାଇ ପାରିବ ନାହିଁ। କିନ୍ତୁ ଧୋତି ହେଉଛି ଓଡ଼ିଆଙ୍କ ପରିଚୟ। ଅଧିକାଂଶ ନେତା ପୂର୍ବରୁ ଧୋତି ଓ କୁର୍ତ୍ତା ପରିଧାନ କରୁଥିଲେ।

## ଦିଗପହଣ୍ଡିରେ ପ୍ରାର୍ଥୀ ବଦଳାଇଲା କଂଗ୍ରେସ

**ଭୁବନେଶ୍ୱର (ଭିଓଭି):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ଥିବାବେଳେ କଂଗ୍ରେସ ନିଜର ପ୍ରାର୍ଥୀ ପରିବର୍ତ୍ତନ କରିଛି। ଶ୍ରୀଧର ଦେବଙ୍କ ପରିବର୍ତ୍ତେ ସାକା ସୁଜିତ୍ କୁମାରଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଦିଗପହଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏପ୍ରିଲ ୧୪ତାରିଖରେ କଂଗ୍ରେସ ନିଜର ପ୍ରାର୍ଥୀ ଭାବେ ଶ୍ରୀଧର ଦେବଙ୍କ ନାଁ ଘୋଷଣା କରିଥିଲା। ଆସନ୍ତାକାଲି ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ଥିବାବେଳେ ଆଜି ଶ୍ରୀଧରଙ୍କ ପରିବର୍ତ୍ତେ ସାକା ସୁଜିତ୍ କୁମାରଙ୍କୁ ଦଳୀୟ ପ୍ରାର୍ଥୀ ଘୋଷଣା କରିଛି। କଂଗ୍ରେସ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୨୮ଟି ବିଧାନସଭା ଆସନ ମଧ୍ୟରୁ ଛତ୍ରପୁର ଆସନରେ ନିଜର ପ୍ରାର୍ଥୀ ଦେଇନାହିଁ ଓ ସେଠାରେ ସିପିଆଇକୁ କଂଗ୍ରେସ ସମର୍ଥନ କରିବ ବୋଲି ଜଣାପଡ଼ିଛି। ରାଜ୍ୟରେ ଏପ୍ରିଲ ୧୮ତାରିଖରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ୨୫ତାରିଖ ଶେଷଦିନ ରହିଛି।

ଭାଗ-୧ । ସଂଖ୍ୟା-୨୩ । ଭୁବନେଶ୍ୱର । ୨୨ ରୁ ୨୮ ଏପ୍ରିଲ୍ ୨୦୨୪
Vol-1 I Issue-23 I Bhubaneswar I 22 to 28 March 2024

# ପ୍ରଚାର ବେଳେ ଭୋଟରଙ୍କୁ ଟଙ୍କା ମାଗୁଛନ୍ତି ପ୍ରାର୍ଥୀ



ସୁବର୍ଣ୍ଣପୁର (ଭିଓଭି): ଶୀର୍ଷକ ପଢ଼ି ଆପଣ ସାମାନ୍ୟ ଦ୍ୱନ୍ଦ୍ୱରେ ପଡୁଥିବେ। ଭୋଟ ଆସିଲେ ସାଧାରଣତଃ ନେତାମାନେ ଭୋଟରଙ୍କୁ ଟଙ୍କା ଦିଅନ୍ତୁ। ବଡ଼ ବଡ଼ ପ୍ରତିଶ୍ରୁତି ଦେଇ ନିର୍ବାଚନ ବେଳେ ପ୍ରାର୍ଥୀମାନେ ଭୋଟରଙ୍କୁ ଆକୃଷ୍ଟ କରନ୍ତି। ହେଲେ ସବୁର୍ଣ୍ଣପୁରରେ କିଛି ଓଲଟା ଘଟଣା ଦେଖିବାକୁ ମିଳିଛି।
ଏଠାରେ ପ୍ରାର୍ଥୀ ହୋଇଥିବା ଜଣେ ମହିଳା ରାଜନେତାଙ୍କ ଭଳି ଗାଁ ଗାଁ ବୁଲି ନିଜ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ଏଥିସହ ସେ ଲୋକଙ୍କୁ ଭୋଟ ସହ ଆର୍ଥିକ ସହାୟତା ମଧ୍ୟ ମାଗୁଛନ୍ତି। ଭୋଟରମାନେ ମଧ୍ୟ ନିଜ ସମ୍ବଳ ଅନୁସାରେ ତାଙ୍କୁ ଆର୍ଥିକ ସହାୟତା ସହ ଚାଉଳ ଓ ଅନ୍ୟାନ୍ୟ ଜିନିଷ ମଧ୍ୟ ଦେଉଛନ୍ତି। ଭୋଟରଙ୍କୁ ପ୍ରଚାର ବେଳେ ଆର୍ଥିକ ସହାୟତା ମାଗୁଥିବା ମହିଳା ଜଣଙ୍କ ହେଲେ ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ନିର୍ବାଚନ ମଣ୍ଡଳୀର ନବ ନିର୍ମାଣ କୃଷକ ସଂଗଠନର ବିଧାନସଭା ପ୍ରାର୍ଥୀ ସୋନାଲି ବିଶି। ପୂର୍ବରୁ ସୋନାଲି ଟ୍ରାକ୍ଟରରେ ଗାଁ ଗାଁ ବୁଲି ଭୋଟ ମାଗୁଥିଲେ। ଏବେ ସେ ଚାଲି ଚାଲି ଗାଁରେ ଲୋକଙ୍କ ଘରକୁ ଯାଉଛନ୍ତି। ତାଙ୍କୁ ଭୋଟ ଦେବାକୁ ସେ ସମସ୍ତଙ୍କୁ ଅନୁରୋଧ କରୁଛନ୍ତି। ବହୁତ ହେଲା ପାର୍ଟି ସରକାର, ଆମକୁ ଦରକାର ଚାଷୀ ସରକାର ନାରା ଦେଇ ସୋନାଲି ନିଜର ପ୍ରଚାର କରୁଛନ୍ତି। ଏଥିସହ ସେ ଭୋଟ ଭିକ୍ଷା ସହ ଆର୍ଥିକ ସହାୟତା ମଧ୍ୟ ମାଗୁଛନ୍ତି। ଜିଲ୍ଲାର ତରଭା ବ୍ଲକ ଅନ୍ତର୍ଗତ ବଘିଆ ପଂଚାୟତର ସରଧାପାଲି ଗାଁରେ ସୋନାଲି ନିର୍ବାଚନ ପ୍ରଚାର କରିବା ବେଳେ ଲୋକମାନେ ତାଙ୍କୁ ଟଙ୍କା ଓ ଚାଉଳ ଦେଉଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଏ ସମ୍ପର୍କରେ ସୋନାଲି କହିଛନ୍ତି, "ଆମେ କୌଣସି ରାଜନୀତି ପାଇଁ ନିର୍ବାଚନ ମୈଦାଦନକୁ ଓହ୍ଲାଇ ନାହୁଁ। ଆମେ ଚାଷୀଙ୍କ ହକ ପାଇଁ ଲଢ଼େଇ କରୁଛୁ। ଏହା ଏକ ଆନ୍ଦୋଳନ। ଚାଷୀଙ୍କ ହକ ପାଇଁ ଆମେ ସାମ୍ନାକୁ ଆସିଛୁ। ଆମେ କୌଣସି ରାଜନୀତିକ ଦଳ ନୁହଁ। ଆମକୁ ଚାନ୍ଦା ମିଳେନାହିଁ। ଚାଷୀମାନେ ଆମ ସହ ସାମିଲ ହୋଇ ଆର୍ଥିକ ସହାୟତା ସହ ଚାଉଳ ଦେଉଛନ୍ତି। ଆମେ ମଧ୍ୟ ସେମାନଙ୍କୁ ଦାନ ଭିକ୍ଷା ମାଗୁଛୁ। ଚାଷୀମାନଙ୍କର ଅନେକ ସମସ୍ୟା ରହିଛି। ବିଶେଷ କରି ତରଭା ଅଞ୍ଚଳରେ ପାଣି ମୁଖ୍ୟ ସମସ୍ୟା। ଡୁଙ୍ଗୁରିପାଲୀରେ ମଧ୍ୟ ଚାଷୀମାନେ ଆମ ସହ ଯୋଡ଼ି ହୋଇଛନ୍ତି। ସମସ୍ତେ ସୁବର୍ଣ୍ଣପୁରରେ ପରିବର୍ତ୍ତନ ଚାହୁଁଛନ୍ତି। ସେମାନେ ଚାଷୀଙ୍କ ସରକାର ଚାହାନ୍ତି। ଅନ୍ୟ ରାଜନୀତିକ ଦଳଗୁଡ଼ିକ କେତେ ଦିନ ଟଙ୍କା ଦେଇ ଭୋଟ କିଣିବେ ? ଟଙ୍କା ଦେଇ ଚାଷୀଙ୍କ ମନ କିଣାଯାଇ ପାରିବ ନାହିଁ। ଲୋକମାନେ ନିଜ ଆଡୁ ପରିବର୍ତ୍ତନ ଚାହୁଁଥିବା କହୁଛନ୍ତି। ତେଣୁ ଆମେ ଏଠାରେ ଜିତିବୁ।" ସବୁର୍ଣ୍ଣପୁରରେ ବିଜେଡି ନିରଞ୍ଜନ ପୂଜାରୀଙ୍କୁ ପ୍ରାର୍ଥୀ କରିଛି। ସେହିପରି ବିଜେପି ପ୍ରମୋଦ ମହାପାତ୍ର ଓ କଂଗ୍ରେସ ପ୍ରୟବ୍ରତ ସାହୁଙ୍କୁ ଟିକେଟ ଦେଇଛି। ଏହି ୩ ଦଳୀୟ ନେତାଙ୍କ ସହ ସୋନାଲି ଲଢ଼େଇ କରିବେ।

## ଏଥର ନିର୍ବାଚନରେ ସବୁଠୁ ଧନୀ ପ୍ରାର୍ଥୀ

**ନୂଆଦିଲ୍ଲୀ:** ଆନ୍ଧ୍ରପ୍ରଦେଶର ଜଣେ ପ୍ରାର୍ଥୀ ଦେଶର ସବୁଠୁ ଧନୀ ପ୍ରାର୍ଥୀ, ଯାହାଙ୍କ ପାଖରେ ୫,୭୮୫ କୋଟି ଟଙ୍କାର ସମ୍ପତ୍ତି ରହିଛି। ନାମାଙ୍କନ ଭରିବା ସମୟରେ ଦେଇଥିବା ସତ୍ୟପାଠ ଅନୁସାରେ, ତେଲୁଗ ଦେଶମ ପାର୍ଟିର ପ୍ରାର୍ଥୀ ଡ. ପ୍ରେମ୍ମସାଣି ଚନ୍ଦ୍ରଶେଖର ହେଉଛନ୍ତି ଦେଶର ସବୁଠାରୁ ଧନୀ ପ୍ରାର୍ଥୀ।



ସେ ଗୁଣ୍ଟୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ ସାଂସଦ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ପ୍ରେମ୍ମସାଣି ପେଶାରେ ଜଣେ ଘଜଓ ଡକ୍ଟର। ସେ ତାଙ୍କ ସତ୍ୟପାଠରେ ପତ୍ନୀ କୋନେରୁ ଶ୍ରୀରତ୍ନଙ୍କ ଆୟ ଏବଂ ତାଙ୍କ ଆୟକୁ ଯୋଗ କରି ସମ୍ପତ୍ତି ତାଲିକା ଦେଇଛନ୍ତି।

ଏହି ତାଲିକା ଅନୁସାରେ, ୨୦୨୨-୨୩ ବର୍ଷରେ ବ୍ୟବସାୟ କ୍ଷେତ୍ରରେ ୩,୬୮,୮୪୦ ଟଙ୍କା ଆୟ କରିଥିବା ବେଳେ ଏହି ସମୟରେ ତାଙ୍କ ପତ୍ନୀ ୧,୪୭,୬୮୦ ଟଙ୍କା ରୋଜଗାର କରିଥିଲେ। ବର୍ତ୍ତମାନ ତାଙ୍କ ପାଖରେ ୨,୩୧୬ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି, ଯେଉଁଥିରେ ଫିକ୍ସଡ ଡିପୋଜିଟ, ଟର୍ମ ଡିପୋଜିଟ ଏବଂ ଅନ୍ୟାନ୍ୟ ବିନିଯୋଗ (ଇନଭେଷ୍ଟମେଣ୍ଟ) ରହିଛି।

ସେହିପରି ତାଙ୍କ ପତ୍ନୀ କୋନେରୁ ଶ୍ରୀରତ୍ନଙ୍କର ୨,୨୮୯ କୋଟି ଟଙ୍କା ମୂଲ୍ୟର ସ୍ଥାବର ସମ୍ପତ୍ତି ରହିଛି। ଯଦି ଦମ୍ପତିଙ୍କ ଅସ୍ଥାବର ସମ୍ପତ୍ତି କଥା କହିବା, ତେବେ ଡକ୍ଟର ଚନ୍ଦ୍ରଶେଖରଙ୍କର ୭୨,୦୦,୨୪,୨୪୫ ଟଙ୍କା ମୂଲ୍ୟର ସ୍ଥାବନ ସମ୍ପତ୍ତି ଥିବାବେଳେ ଶ୍ରୀରତ୍ନଙ୍କର ୩୪,୮୨,୨୨,୫୦୭ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି।

ଏହା ବାଦ୍ ସ୍ୱାମୀ-ସ୍ତ୍ରୀଙ୍କ ନାଁରେ ମିଳିତ ଭାବେ ମଧ୍ୟ ସମ୍ପତ୍ତି ରହିଛି, ଯେଉଁଥିରେ ଡକ୍ଟର ଚନ୍ଦ୍ରଶେଖରଙ୍କର ୫୧୯ କୋଟି ଟଙ୍କା ଏବଂ ତାଙ୍କ ପତ୍ନୀଙ୍କର ମଧ୍ୟ ସମାନ ପରିମାଣର ସମ୍ପତ୍ତି ରହିଛି। ବିଶ୍ୱର ପ୍ରାୟ ୧୦୧ଟି କମ୍ପାନୀରେ ଉଭୟଙ୍କ ଶଆର୍ ରହିଛି।

## ବିଜେଡିର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ; ୪୦ ଜଣଙ୍କ ମଧ୍ୟରେ ଅଛନ୍ତି ଶ୍ରୀମୟୀ

**ଭୁବନେଶ୍ୱର (ଭିଓଭି):** ଚଳିତ ସାଧାରଣ ନିର୍ବାଚନ ପାଇଁ ଆଜି ତା'ର ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛି ବିଜେଡି। ଏଥିରେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସେମତ ୪୦ ଜଣଙ୍କ ନାଁ ରହିଛି। ସେମାନଙ୍କ ମଧ୍ୟରେ ଏଥର ଟିକେଟ ନ ପାଇ ଅସନ୍ତୁଷ୍ଟ ଥିବା କେତେ ଜଣ ନେତାଙ୍କ ନାଁ ମଧ୍ୟ ରହିଛି।




ଦଳର ଅନ୍ୟ ଷ୍ଟାର ପ୍ରଚାରକମାନେ ହେଉଛନ୍ତି- ଭିକେ ପାଣ୍ଡିଆନ, ପ୍ରଣବ ପ୍ରକାଶ ଦାସ, ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚନ୍ଦ୍ର ଶେଖର ସାହୁ, ଅଶୋକଚନ୍ଦ୍ର ପଣ୍ଡା, ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ଅରୁଣ କୁମାର ସାହୁ, ସଞ୍ଜୟ କୁମାର ଦାସବର୍ମା, ପଦ୍ମନାଭ ବେହେରା, ପ୍ରଦୀପ କୁମାର ଅମାତ, ଏନ୍. ଭାସ୍କର ରାଓ, ସୁବାସ ସିଂହ, ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ନିରଞ୍ଜନ ବିଶି, ମମତା ମହନ୍ତ, ମୁନା ଖାନ, ସୁଲତା ଦେଓ, ରବୀନ୍ଦ୍ର କୁମାର ଜେନା, ସରୋଜିନୀ ହେମ୍ବ୍ରମ, ସୁଶାନ୍ତ ସିଂ, ପ୍ରୀତିରଞ୍ଜନ ଘଡ଼େଇ, ପ୍ରଣବ କୁମାର ବଳବନ୍ତରାୟ, ଚିରଞ୍ଜୀବ ବିଶ୍ୱାଳ, ସୁଧୀର କୁମାର ସାମଲ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ବିଜୟ ନାୟକ, ଶ୍ରୀମୟୀ ମିଶ୍ର, ଏସ୍‌କେ ନିଜାମୁଦ୍ଦିନ, ଈଶ୍ୱର ପାଣିଗ୍ରାହୀ, ଅମରେଶ ଜେନା ଓ ଏଲିନା ଦାସ।

ଚିରଞ୍ଜୀବ ବିଶ୍ୱାଳ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ସେ ଜଗତସିଂହପୁର ବିଧାନସଭା ଆସନ ପାଇଁ ଟିକେଟ ଆଶାୟୀ ଥିଲେ। କିନ୍ତୁ ଦଳ ସେଠାରୁ ତାଙ୍କୁ ପ୍ରାର୍ଥୀ କରି ନାହିଁ। ସେହିପରି ଶ୍ରୀମୟୀ ମିଶ୍ର ଭୁବନେଶ୍ୱର ଲୋକସଭା ଆସନରୁ ପ୍ରାର୍ଥୀ ହେବେ ବୋଲି ଅଶା ରଖିଥିଲେ। କୁହାଯାଉଥିଲା, ବିଜେଡି ତାଙ୍କୁ ପ୍ରାର୍ଥୀ କରିସାରିଛି, କେବଳ ଘୋଷଣା ବାକି ଅଛି। କିନ୍ତୁ ସବୁ ଓଲଟପାଲଟ ହୋଇଗଲା। ଦଳ ତାଙ୍କ ବଦଳରେ ମନ୍ମଥ ରାଉତରାୟଙ୍କୁ ପ୍ରାର୍ଥୀ କଲା। ସେହିପରି ଅମରେଶ ଜେନା ଭୁବନେଶ୍ୱର-ମଧ୍ୟ ଆସନରୁ ପ୍ରାର୍ଥୀ ହେବାକୁ ଆଶା ରଖିଥିଲେ। ସେ ଖୋଲାଖୋଲି ତାଙ୍କ ଇଚ୍ଛା ପ୍ରକାଶ କରିଥିଲେ ଓ ଏକ ପ୍ରକାର ଟିକେଟ ପାଇଁ ଦାବି କରିଥିଲେ। ହେଲେ ଦଳ ଏହି ଆସନରୁ ପୁଣି ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ପ୍ରାର୍ଥୀ କରିଛି।

# ପ୍ରଜାଙ୍କ ଆଗରେ ଭୋଟ ଭିକ୍ଷା କରୁଛନ୍ତି ରାଜପରିବାର !



ଭୁବନେଶ୍ୱର (ଭିଓଭି): ଦୀର୍ଘ ୫ ଦଶନ୍ଧିରୁ ଅଧିକ ସମୟ ଧରି ଗଞ୍ଜାମ ରାଜନୀତିରେ ସକ୍ରିୟ ଏକାଧିକ ରାଜ ପରିବାର। ଖଲିକୋଟ, ଚିକିଟି, ଦିଗପହଣ୍ଡି ଓ ଧରାକୋଟ ଭଳି ଅନେକ ରାଜ ପରିବାର ନିର୍ବାଚନରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜଡ଼ିତ। ଏଥର ନିର୍ବାଚନ ମୈଦାନରେ ୫୦ ଦଶକରୁ ରାଜନୀତିରେ ସକ୍ରିୟ ଥିବା ଚିକିଟି ରାଜ ପରିବାରର ସଦସ୍ୟ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ। ଜେଜେ ସଚ୍ଚିଦାନନ୍ଦ ଦେବ ଓ ମା' ତଥା ୬ଥରର ବିଧାୟିକା ଉଷା ଦେବୀଙ୍କ ପରେ ରାଜନୀତିରେ ଭାଗ୍ୟ ପରୀକ୍ଷା କରୁଛନ୍ତି ଶ୍ରୀରୂପ।

ସେହିଭଳି ଧରାକୋଟ ରାଜପରିବାରର ସଦସ୍ୟ ତଥା ନିକଟରେ ରାଜା ଭାବେ ଅବସ୍ଥାପିତ ସୁଲକ୍ଷଣା ଗୀତାଞ୍ଜଳି ଦେବୀ ବି ଏଥର ନିର୍ବାଚନ ଲଢୁଛନ୍ତି। ମା' ନନ୍ଦିନୀ ଦେବୀଙ୍କ ବଦଳରେ ଗୀତାଞ୍ଜଳିଙ୍କୁ ସାନଖେମୁଣ୍ଡିରୁ ପ୍ରାର୍ଥୀ କରିଛି ବିଜେଡି। ଏଥିସହ ବଡ଼ଖେମୁଣ୍ଡି ରାଜ ପରିବାରର ସଦସ୍ୟ ଶ୍ରୀଧର ଦେବ କଂଗ୍ରେସ ଟିକେଟରେ ଦିଗପହଣ୍ଡିରୁ ଲଢୁଛନ୍ତି ନିର୍ବାଚନ।

ବଲାଙ୍ଗୀର ରାଜନୀତିରେ ରାଜାଘର ଗୁରୁତ୍ୱ କାହାକୁ ଅଛପା ନାହିଁ। ୨୦୧୯ରେ ବଲାଙ୍ଗୀରର ପଚ୍ଚାୟତ ରାଜା ଅନଙ୍ଗ ଉଦୟ ସିଂଦେଓ ନିର୍ବାଚନ ରାଜନୀତିରୁ ସନ୍ନ୍ୟାସୀ ନେଇଥିବା ବେଳେ ଅନଙ୍ଗଙ୍କ ପରିବାରରୁ ଏଥର ତାଙ୍କ ବଡ଼ପୁଅ କଳିକେଶ ନାରାୟଣ ସିଂଦେଓ ବଲାଙ୍ଗୀର ସଦର ଆସନ ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ସେପଟେ ଜିଲ୍ଲା ବିଜେପିର ନେତୃତ୍ୱ ନେଉଛନ୍ତି ପାଟଣାଗଡ଼ ରାଜା କନକ ବର୍ଦ୍ଧନ ସିଂହଦେଓ ଓ ତାଙ୍କ ଧର୍ମପତ୍ନୀ ସଂଗୀତା ସିଂହଦେଓ।ଏଥର କେ.ଭି. ପାଟଣାଗଡ଼ରୁ ବିଜେପି ପ୍ରାର୍ଥୀ ହୋଇଥିବା ବେଳେ ସଂଗୀତା ବଲାଙ୍ଗୀରରୁ ବିଜେପିର ସାଂସଦ ପ୍ରାର୍ଥୀ।

କଳାହାଣ୍ଡି ରାଜପରିବାର ବି ରାଜନୀତିରେ ବେଶ୍ ସକ୍ରିୟ। ରାଜପରିବାରର ଏକମାତ୍ର ଦାୟାଦ ଯୁବରାଜ ତଥା ପୂର୍ବତନ ସାଂସଦ ଅର୍କ କେଶରୀ ଦେଓଙ୍କ ଧର୍ମପତ୍ନୀ ମାଳବିକା ଦେଓ ଏଥର ବିଜେପିରୁ କଳାହାଣ୍ଡି ସାଂସଦ ପ୍ରାର୍ଥୀ। ସେହିପରି ଜୟପାଟଣା ରାଜ ପରିବାରର ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ଧର୍ମଗଡ଼ ପାଇଁ ପ୍ରାର୍ଥୀ କରିଛି ବିଜେଡି। ସମ୍ବଲପୁରର ବିଜେପି ସାଂସଦ ତଥା ଦେବଗଡ଼ ରାଜା ନୀତେଶ ଗଙ୍ଗଦେବଙ୍କ ପତ୍ନୀ ଅରୁନ୍ଧତୀ ଦେବୀ ଏଥର ବିଜେଡି ଟିକଟରୁ ଦେବଗଡ଼ ଆସନରୁ ନିର୍ବାଚନ ଲଢୁଛନ୍ତି। ଢେଙ୍କାନାଳରେ ବି ରହିଛି ରାଜ ପରିବାରର ଦବଦବା। ଏଥର ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି ରାଜା ଘର ବୋହୂ। ଢେଙ୍କାନାଳ ରାଜା ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଙ୍କ ପୁତୁରା ରାଜୀବ ଲୋଚନ ସିଂହଦେଓଙ୍କ ପତ୍ନୀ ସୁସ୍ମିତା ସିଂହଦେଓଙ୍କୁ ପ୍ରାର୍ଥୀ କରିଛି କଂଗ୍ରେସ। ରାଜନୀତିରେ ପୁରାପୁରି ନୂଆ ସୁସ୍ମିତା।

# ୬୪ ହଜାର ଲୋକଙ୍କୁ ଚାକିରିରୁ ବିଦା କଲେଣି ଏହି ଟପ୍ ୩ ଆଇଟି କମ୍ପାନୀ

**ନୂଆଦିଲ୍ଲୀ:** ବିଗତ ଦୁଇ ଦଶନ୍ଧି ଧରି ଏମାନେ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ଲୋକଙ୍କୁ ବିପୁଳ ସଂଖ୍ୟାରେ ନିଯୁକ୍ତି ଦେଉଥିଲେ। କିନ୍ତୁ ସମୟ ବଦଳିବା ସହ ସେମାନଙ୍କ ସ୍ଥିତି ବଦଳି ଯାଇଛି। ନିଯୁକ୍ତି ବଦଳରେ ସେମାନେ ଆରମ୍ଭ କରିଛନ୍ତି ଛଟେଇ।



ଏପରି ସ୍ଥିତି ଟିସିଏସ୍, ଇନଫୋସିସ ଓ ୱିପ୍ରୋ ସହ ଘଟିଛି। ଏକଦା ଆଇଟି ଜଗତର ଏହି ଟପ୍ ୩ କମ୍ପାନୀ ସର୍ବାଧିକ ନିଯୁକ୍ତି ଦେଉଥିଲେ। କିନ୍ତୁ ଏହି ୩ କମ୍ପାନୀ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷ ସୁଦ୍ଧା ୬୪ ହଜାର ଲୋକଙ୍କୁ ଚାକିରିରୁ ବିଦା କରି ସାରିଲେଣି।

ସେହିପରି ବର୍ତ୍ତମାନ ଚାଲିଥିବା ଆର୍ଥିକ ବର୍ଷରେ ସେମାନଙ୍କ ରାଜସ୍ୱ ସଂଗ୍ରହ ସେତେଟା ଭଲ ରହିବ ନାହିଁ ବୋଲି ଆକଳନ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଇନଫୋସିସର ରାଜସ୍ୱ ଅଭିବୃଦ୍ଧି ୧ରୁ ୩% ମଧ୍ୟରେ ରହିବ। ୱିପ୍ରୋ ରାଜସ୍ୱ ୧.୫% ହ୍ରାସ ପାଇବ କିମ୍ବା ଜୁନ କ୍ୱାର୍ଟର ସୁଦ୍ଧର ଏହା ୦.୫% ବଢ଼ିପାରେ।

ଏପରି ଖବର ଇଞ୍ଜିନିୟର ଗ୍ରାଜ୍ୟୁଏଟଙ୍କ ପାଇଁ ଆଦୌ ଭଲ ଖବର ନୁହେଁ। କାରଣ ରାଜସ୍ୱ ଅଭିବୃଦ୍ଧି ନ ହେଲେ କମ୍ପାନୀଗୁଡ଼ିକ ନୂଆ ନିଯୁକ୍ତି ମଧ୍ୟ ଦେବେ ନାହିଁ। ଏଭରେଷ୍ଟ ଗ୍ରୁପର ସିଇଓ ବେନଡର ସାମ୍ୟୁଏଲ କହିଛନ୍ତି, କରୋନା ପରେ ଅତ୍ୟଧିକ ନିଯୁକ୍ତି ମିଳିଥିଲା। କିନ୍ତୁ ନୂଆ ଦକ୍ଷ ପିଲାଙ୍କୁ ସୁଯୋଗ ଦେବାକୁ ଏବେ ଛଟେଇ କରାଯାଉଛି। ଆଇଟି ଇଣ୍ଡଷ୍ଟ୍ରୀର ଚାହିଦା ମଧ୍ୟ କମିଛି ବୋଲି ସେ କହିଛନ୍ତି।

ଆମେରିକାର ଅର୍ଥନୀତି ଭଲ କରୁଛି। କିନ୍ତୁ ଟିସିଏସ୍ ସିଇଓ କେ କୀର୍ତ୍ତିବାସନ ନିକଟରେ କହିଥିଲେ ଆମେରିକାର ଉଦ୍ୟୋଗୀମାନେ ପୂର୍ବଭଳି ଚିନ୍ତାରେ ରହି ପାରନ୍ତି। କାରଣ ଆଗକୁ ଆର୍ଥିକ ମାନ୍ଦାବସ୍ଥାର ସାମ୍ନା କରିବାକୁ ପଡ଼ିପାରେ। ତେଣୁ ଆଇଟି କ୍ଷେତ୍ରରେ ଅଧିକ ମାତ୍ରାରେ ନିବେଶ କରିବାକୁ ସମସ୍ତେ ଡରୁଛନ୍ତି।

ୱିପ୍ରୋର ମାନବ ସମ୍ବଳ ବିଭାଗର ମୁଖ୍ୟ ସୌରଭ ଗୋଭିଲ କହିଛନ୍ତି, ଛଟେଇ ବିଭିନ୍ନ କାରଣ ପାଇଁ କରାଯାଇଛି। ଅପରେସନାଲ ଦକ୍ଷତା ମଧ୍ୟ ଏହାର ମୁଖ୍ୟ କାରଣ।

ଅନ୍ୟପକ୍ଷରେ କୃତ୍ରିମ ବୁଦ୍ଧିମତା ବା ଏଆଇ ଯୋଗୁ ମଧ୍ୟ ଛଟେଇ କରାଯାଉଛି। ପରିବେଶର ଆବଶ୍ୟକତା ଯୋଗୁ ମଧ୍ୟ ବିଭିନ୍ନ କମ୍ପାନୀ ନିଜର କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରୁଥିବା କୁହାଯାଉଛି।

# ଚକୋଲେଟ୍ ଖାଇବା ପରେ ରକ୍ତ ବାନ୍ତି କଲା ଦେଢ଼ ବର୍ଷର ଛୁଆ

**ନୂଆଦିଲ୍ଲୀ:** ଚକୋଲେଟ୍ ଖାଇବା ହେଲା କାଳ। ବିଗିଡିଗଲା ସ୍ୱାସ୍ଥ୍ୟ। ରକ୍ତ ବାନ୍ତି କଲା ଦେଢ଼ ବର୍ଷର ଛୁଆ। ତାକୁ ଗୁରୁତର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପଞ୍ଜାବର ଲୁଧିଆନାରେ ଘଟିଛି ଏଭଳି କିଛି ଅଭାବନୀୟ ଘଟଣା। ଲୁଧିଆନାରେ ଏକ ଦେଢ଼ ବର୍ଷର କୁନି ଝିଅ ଚକୋଲେଟ୍



ଖାଇଥିଲା। ଏହାକୁ ଖାଇବା ପରେ ହଠାତ୍ ତା’ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ଏହାପରେ ସେ ଦେଖୁ ଦେଖୁ ରକ୍ତ ବାନ୍ତି କରିବାକୁ ଲାଗିଥିଲା। କୁହାଯାଉଛି ଯେ, କୁନି ଝିଅଟି ପାଇଁ ଚକୋଲେଟ ସେହି ପଟିଆଲା ସହରରୁ ଅଣାଯାଇଥିଲା, ଯେଉଁଠି କିଛି ଦିନ ତଳେ ବାର୍ଥ ଡେ କେକ୍ ଖାଇ ଜଣେ ନାବାଳିକର ଜୀବନ ଯାଇଥିଲା।

ସୂଚନା ମୁତାବକ, କୁନି ଝିଅଟି ନିଜ ପରିବାର ସହ ପଟିଆଲାରେ ରହୁଥିବା ନିଜ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲା। ଏଠାରୁ ଫେରିବା ସମୟରେ ତାଙ୍କ ସମ୍ପର୍କୀୟ ଝିଅଟିକୁ ଏକ ଗିଫ୍ଟ ପ୍ୟାକ୍ ଦେଇଥିଲେ। ଏଥିରେ କୁରକୁରେ, ଜୁସ୍ ବ୍ୟତୀତ କିଛି ଚକୋଲେଟ୍ ମଧ୍ୟ ଥିଲା। ଘରକୁ ଯାଇ ଦେଢ଼ ବର୍ଷର ଛୁଆଟି ଗିଫ୍ଟରେ ମିଳିଥିବା ଚକୋଲେଟ୍ ଖାଇଥିଲା। କେବଳ ସେ ନୁହେଁ ତା’ ସହ ଜଣେ ୨୨ ବର୍ଷୀୟ ଯୁବତୀ ମଧ୍ୟ ଉକ୍ତ ଚକୋଲେଟ୍ ଖାଇଥିଲେ। ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଥିଲା। ଛୋଟ ଝିଅଟି ରକ୍ତ ବାନ୍ତି କରିବାକୁ ଲାଗିଥିଲା। ଏହାପରେ ତାକୁ ତୁରନ୍ତ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଏହି ଖବର ସାମ୍ନାକୁ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପଟିଆଲର ସେହି ଦୋକାନ ଉପରେ ଚଢ଼ାଉ କରିଛି, ଯେଉଁଠାରୁ କୁନି ଝିଅଟି ପାଇଁ ଚକୋଲେଟ୍ କିଣା ଯାଇଥିଲା। ଯାଞ୍ଚ ବେଳେ ଉକ୍ତ ଚକୋଲେଟ୍ ଏକ୍ସପାଏରୀ ହୋଇଯାଇଥିବା ସାମ୍ନାକୁ ଆସିଛି। କେବଳ ସେତକି ନୁହେଁ ଦୋକାନରୁ ଏକ୍ସପାଏରୀ ହୋଇଯାଇଥିବା ଆହୁରି ଅନେକ ଜିନିଷକୁ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଜବତ କରିଛି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

କହିରଖୁ ଯେ, ପଟିଆଲାରେ କିଛି ଦିନ ପୂର୍ବେ ଜଣେ ୧୧ ବର୍ଷୀୟ ନାବାଳିକା ମାଧବୀ ନିଜ ଜନ୍ମଦିନ ଅବସରରେ ଜୋମାଟୋରୁ ଅନ୍‌ଲାଇନ୍‌ରେ କେକ୍ ମଗାଇଥିଲା। ଏହି କେକ୍‌କୁ ଖାଇବା ପରେ ମାଧବୀର ସ୍ୱାସ୍ଥ୍ୟାବସ୍ଥା ବିଗିଡିଥିଲା ଓ ପରେ ତା’ର ମୃତ୍ୟୁ ହୋଇଥିଲା। ବାସି କେକ୍ ଖାଇବା ଯୋଗୁଁ ତା’ର ମୃତ୍ୟୁ ହୋଇଥିବା ତଦନ୍ତରୁ ଜଣାପଡିଥିଲା।

# ଅମିତ ଶାହଙ୍କର ନାହିଁ ନିଜସ୍ୱ କାର୍, ପାଖରେ ଅଛି ୨୪ ହଜାର ଟଙ୍କା

**ନୂଆଦିଲ୍ଲୀ:** କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହଙ୍କର ନିଜର କାର୍ ନାହିଁ। କୋଟି କୋଟି ଟଙ୍କାର ସ୍ଥାବର, ଅସ୍ଥାବର ସମ୍ପତ୍ତି ଥିବା ବେଳେ ନଗଦ ଟଙ୍କା ମାତ୍ର ୨୪ ହଜାର ଅଛି। ଗତକାଲି ଗୁଜରାଟର ଗାନ୍ଧୀନଗରରୁ ଅମିତ ଶାହ ନାମାଙ୍କନ ଦାଖଲ କରିଥିବା ବେଳେ ସାମନାକୁ ଆସିଛି ତାଙ୍କ ସତ୍ୟପାଠ ।



ନିଜ ସତ୍ୟପାଠରେ ଅମିତ ଶାହ ଦର୍ଶାଇଛନ୍ତି, ତାଙ୍କ ନିକଟରେ ୨୦ କୋଟି ଟଙ୍କାର ସ୍ଥାବର ଓ ୧୬ କୋଟି ମୂଲ୍ୟର ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ବାର୍ଷିକ ଆୟ ୨୦୨୨-୨୩ରେ ୭୫.୦୯ ଲକ୍ଷ ଥିଲା ।ଏବେ ବି ତାଙ୍କ ଉପରେ ୧୫.୭୭ ଲକ୍ଷ ଟଙ୍କାର ଲୋନ୍ ରହିଛି। ମାତ୍ର ତାଙ୍କ ପାଖରେ କେବଳ ୨୪, ୧୬୪ ଟଙ୍କା ନଗଦ ରାଶି ରହିଛି।

ଅମିତ ଶାହଙ୍କ ନିକଟରେ ୭୨ ଲକ୍ଷ ଟଙ୍କାର ଗହଣା ଥିବା ବେଳେ ସେଥି ମଧ୍ୟରୁ ସେ ସେ ୮. ୭୬ ଲକ୍ଷ ମୂଲ୍ୟର ଅଳଙ୍କାର କିଣିଛନ୍ତି।

ମାତ୍ର ଅମିତ ଶାହଙ୍କ ପତ୍ନୀଙ୍କ ନିକଟରେ ୧.୧୦ କୋଟିର ଗହଣା ରହିଛି। ଯେଉଁଥିରେ ୧୬୨୦ ଗ୍ରାମର ସୁନା ଓ ୬୩ କ୍ୟାରେଟର ହୀରା ଗହଣା ରହିଛି। ଅମିତ ଶାହଙ୍କ ପତ୍ନୀଙ୍କ ବାର୍ଷିକ ଆୟ ୩୯.୫୪ ଲକ୍ଷ ।

ଅମିତ ଶାହ ନିଜେ ଚାଷ କରିବା ସହ ସାମାଜିକ କାର୍ଯ୍ୟକର୍ତ୍ତା ଥିବା ଉଲ୍ଲେଖ କରିଛନ୍ତି। ଏଥିସହ ତାଙ୍କ ଆୟର ସ୍ରୋତ ସାଂସଦ ବେତନ, ଘର, ଜମିର ଭଡ଼ା ଆୟ, ଚାଷରୁ ଆସୁଥିବା ଆୟ ଓ ଶେଆର ମାର୍କେଟରୁ ଆସୁଥିବା ରୋଜଗାରକୁ ଦର୍ଶାଇଛନ୍ତି। ତାଙ୍କ ପତ୍ନୀଙ୍କ ନାଁରେ ୨୨.୪୬ କୋଟିର ସ୍ଥାବର ଓ ୯ କୋଟିର ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ନାଁରେ ବି ୨୬.୩୨ ଲକ୍ଷର ଲୋନ୍ ରହିଛି।

ନାମାଙ୍କନ ଦାଖଲ ପରେ ଅମିତ ଶାହ କହିଛନ୍ତି ମୁଁ ଏକ ବୁଥ୍ କାର୍ଯ୍ୟକର୍ତ୍ତାରୁ ସାଂସଦ ପଦ ପର୍ଯ୍ୟନ୍ତ ପହଞ୍ଚି ପାରିଛି। ମୋଦିଙ୍କ ନେତୃତ୍ୱରେ ବିଜେପି ସମଗ୍ର ଦେଶରେ ଆଖି ଦୃଶିଆ ବହୁତ କାମ କରିଛି। ଜନତା ସବୁବେଳେ ଆମକୁ ଖୁବ୍ ଭଲ ପାଇବା ଦେଇଛନ୍ତି।

ଏଥିସହ ସେ କହିଛନ୍ତି, ଗାନ୍ଧୀନଗରରୁ ପ୍ରାର୍ଥୀ ହେବା ମୋ’ ପାଇଁ ସୌଭାଗ୍ୟର ବିଷୟ। କାରଣ ଏହି ଆସନରୁ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ୬ ଥର ସଂସଦକୁ ନିର୍ବାଚନ ହୋଇଥିବା ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମଧ୍ୟ ଏହି ଆସନରୁ ଲଢ଼ି ସାରିଛନ୍ତି ।

ଗୁଜରାଟରେ ଲୋକସଭାର ସମୁଦାୟ ୨୬ ଆସନ ପାଇଁ ଆସନ୍ତା ୭ ତାରିଖରେ ଭୋଟ ଗ୍ରହଣ ହେବ ଓ ଜୁନ ୪ରେ ଫଳାଫଳ ପ୍ରକାଶ ପାଇବ ।

# ବିଜେପିର ୪୦୦ ପାର ଫିଲ୍ମ ନିର୍ବାଚନର ପ୍ରଥମ ଦିନରେ ଫ୍ଲପ୍: ତେଜସ୍ୱୀ ଯାଦବ

**ନୂଆଦିଲ୍ଲୀ:** ପ୍ରଥମ ପର୍ଯ୍ୟାୟରେ ଦେଶର ୧୦୨ ଲୋକସଭା ଆସନ ପାଇଁ ମତଦାନ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ପ୍ରାୟ ୬୨% ଭୋଟିଂ ହୋଇଥିବା ବେଳେ ଦେଶବାସୀ ଆଉ ୬ଟି ପର୍ଯ୍ୟାୟରେ ମତଦାନ କରି ସେମାନଙ୍କ ପସନ୍ଦର ପ୍ରତିନିଧିଙ୍କୁ ବାଛିବେ। ତେବେ ପ୍ରଥମ ପର୍ଯ୍ୟାୟ ଭୋଟିଂ ପରେ ଆରଜେଡି ନେତା ତେଜସ୍ୱୀ ଯାଦବ ବିଜେପିକୁ ଟାର୍ଗେଟ କରିଛନ୍ତି। ବିଜେପି କ୍ରମାଗତ ତୃତୀୟ ଥର ପାଇଁ କେନ୍ଦ୍ରରେ ସରକାର ଗଠନ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଏଥର ୪୦୦ରୁ ଅଧିକ ଆସନ ଜିତି ବୋଲି ଦମ୍ଭୋକ୍ତି କରିଛି। ହେଲେ ପ୍ରଥମ ପର୍ଯ୍ୟାୟ ଭୋଟିଂ ପରେ ବିଜେପିର ୪୦୦ ପାର୍ ନାରାକୁ ତେଜସ୍ୱୀ କଟାକ୍ଷ କରିଛନ୍ତି। ସେ କହିଛନ୍ତି, “ବିଜେପିର ୪୦୦ ପାର୍ ଫିଲ୍ମ ପ୍ରଥମ



ଦିନରେ ହିଁ ସୁପର ଫ୍ଲପ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବିହାରର ୪ଟି ଆସନରେ ଭୋଟ ହୋଇଥିଲା। ମହାଗଠବନ୍ଧନ ସମସ୍ତ ୪ ଆସନରେ ବାଜିତମାତ କରିବ। ଆମେ ବ୍ଲକସ୍ତରୀୟ ମିଟିଂ କରିଛୁ ଓ ମତାମତ ଅତ୍ୟନ୍ତ ଭଲ ରହିଛି। ବିଜେପିର ୪୦୦ ପାର ଫିଲ୍ମ ସମ୍ପର୍କରେ ବିହାରବାସୀ ଭଲ ଭାବେ ଜାଣିଛନ୍ତି। ସେମାନେ ଉପଯୁକ୍ତ ଶିକ୍ଷା ଦେବେ।” ଏଏନଆଇକୁ ତେଜସ୍ୱୀ ଆହୁରି କହିଛନ୍ତି, “ପ୍ରଥମ ପର୍ଯ୍ୟାୟ ଭୋଟିଂରେ କୌଣସି ପ୍ରକାରର ପ୍ରତିଯୋଗିତା ନାହିଁ। ଆମେ ପୂର୍ବରୁ ଅନେକ ଥର କହି ସାରିଛୁ ଯେ ବିହାର ଏଥର ଆଶ୍ଚର୍ଯ୍ୟ କରିବା ଭଳି ରେଜଲ୍ଟ ଦେବ। ସେମାନେ ବିହାରର ଲୋକଙ୍କ ପାଇଁ କିଛି ବି କରି ନାହାନ୍ତି। ୨୦୧୪ ଓ ୨୦୨୯ରେ ମୋଦିଜୀ କରିଥିବା କୌଣସି ବି ପ୍ରତିଶ୍ରୁତି ପୂରଣ ହୋଇନି। ବର୍ତ୍ତମାନ ଲୋକମାନେ ସେମାନଙ୍କ ବିବୃତି ଓ ମିଥ୍ୟା ପ୍ରତିଶ୍ରୁତି ଶୁଣିଶୁଣି ବିରକ୍ତ ହୋଇଗଲେଣି। ଆମେ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛୁ ଯେ ବିହାରକୁ ସ୍ୱତନ୍ତ୍ର ପ୍ୟାକେଜ ସହ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବୁ। ମହାଗଠବନ୍ଧନ ଓ ଇଣ୍ଡିଆ ବ୍ଲକ ମିଳିତ ଭାବେ କାମ କରୁଛି। ବିହାରରେ ବେକାରୀ ସମସ୍ୟା ସବୁଠାରୁ ବଡ଼ ପ୍ରସଙ୍ଗ। ଏହାବାଦ ମୁଦ୍ରାସ୍ଫୀତି, ଗରିବୀ, ପୁଞ୍ଜିନିବେଶ, ଦାଦନ ଓ ବନ୍ୟା ମଧ୍ୟ ବିହାରର ପ୍ରସଙ୍ଗ। ଏଥର ବିଜେପି ବେଶ ଚିନ୍ତାରେ ରହିଛି। ସେମାନେ କହୁଛନ୍ତି ଯେ ବିଜୟୀ ହେଲେ ସମ୍ବିଧାନକୁ ଉଚ୍ଛେଦ କରିଦେବେ।” ବିହାରରେ ଜାମୁଇ, ନାୱାଡା, ଗୟା ଓ ଔରଙ୍ଗାବାଦ ଲୋକସଭା ଆସନ ପାଇଁ ଭୋଟ ହୋଇଛି। ୪୮.୮୮% ଲୋକ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ୨୦୧୯ରେ ବିହାରର ୪୦ଟି ଆସନରୁ ବିଜେପି, ଜେଡିୟୁ ଓ ଏଲଜେପି ୩୯ଟି ସ୍ଥାନରେ ବାଜି ମାରିଥିଲେ।

ଭାଗ-୧ । ସଂଖ୍ୟା-୨୩ । ଭୁବନେଶ୍ୱର । ୨୨ ରୁ ୨୮ ଏପ୍ରିଲ୍ ୨୦୨୪
Vol-1 | Issue-23 | Bhubaneswar | 22 to 28 March 2024

# ଉଦାସୀନତା ପରିହାର କରି ଗଣତନ୍ତ୍ରରେ ଭାଗ ନିଅନ୍ତୁ ଯୁବଗୋଷ୍ଠୀ !



**ଗାନ୍ଧିଜୀଙ୍କ ମତରେ, 'ଆମେ ସମସ୍ତେ ଜଣେ ଜଣେ ରାଜନୈତିକ ବ୍ୟକ୍ତି । ଗଣତନ୍ତ୍ରରେ ରାଜନୀତି ଏକ ସାମାଜିକ କାର୍ଯ୍ୟ । କିନ୍ତୁ ରାଜନୀତି କେବଳ କ୍ଷମତା ପ୍ରାପ୍ତି ପାଇଁ ନୁହେଁ କିମ୍ବା ରାଜନୈତିକ କ୍ଷମତା ଲୋକଙ୍କ ସେବା ପାଇଁ ଏକମାତ୍ର ବିକଳ୍ପ ନୁହେଁ ।'ତେଣୁ ଏବେ ସମୟ ଆସିଛି ଆମେ କିଛି କରିବାର । ତାହା ହେଲା ସଠିକ୍ ଭାବରେ ପ୍ରାର୍ଥୀ ଚୟନ କରି ଆମର ମତଦାନ ସାବ୍ୟସ୍ତ କରିବା । ଅନେକଙ୍କ କ୍ଷୋଭ ରହିଛି ଯେ ଆବ୍ରାହମ୍ ଲିଙ୍କନଙ୍କ ଗଣତନ୍ତ୍ରର ସଂଜ୍ଞାର ରୂପାନ୍ତରିତ ହୋଇସାରିଛି । ମାଙ୍କଡ଼ ହାତରେ ଏବେ ଗଣତନ୍ତ୍ର । ଯିଏ ଯେମିତି ଚାହୁଁଛି ସେମିତି ନଚାଉଛି ବା ନାଚୁଛି । ନୀତି ବିହୀନ ରାଜନୀତି, ନୈତିକତା ବିହୀନ ବାଣିଜ୍ୟ ବ୍ୟବସାୟ, ଚରିତ୍ର ବିହୀନ ଶିକ୍ଷା, ଶ୍ରମ ବିହୀନ ସମ୍ପଦ, ବିବେକ ବିହୀନ ବିଳାସ, ମାନବିକତା ବିହୀନ ବିଜ୍ଞାନ, ତ୍ୟାଗ ବିହୀନ ଉପାସନା ପରି ସାତୋଟି ଭୟଙ୍କର ପାପରୁ ନିବୃତ୍ତ ରହିବା ପାଇଁ ଗାନ୍ଧୀ ସବୁବେଳେ କହୁଥିଲେ ଯାହା ସାଂପ୍ରତିକ ପରିସ୍ଥିତିରେ କେତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ତାହା ଆମେ ସମସ୍ତେ ଅନୁଭବ କରୁଛୁ ।**

ଆମେ ରାଜନୀତିରେ ରୁଚି ରଖୁ ନାହୁଁ କହି ନିଜର ଗୁରୁ ଦାୟିତ୍ୱରୁ ଦୂରେଇ ଯିବା ଭୀରୁତାର ପରିଚୟ ଦିଏ । ଆମର ରାଜନୀତିରେ ଆଗ୍ରହ ନ ଥାଇପାରେ, କିନ୍ତୁ ରାଜନୀତି ହିଁ ଆମର ରାଷ୍ଟ୍ରନୀତି ନିର୍ଦ୍ଧାରଣ କରେ ଓ ଏହା ଆମର ବିଶ୍ୱାସ ଓ ସହଯୋଗରେ ହିଁ ତିଷ୍ଠି ରହେ ।

ଆମ ଦେଶରେ ୯୦ କୋଟି ଭୋଟର୍ ବା ମତଦାତାଙ୍କ ମଧ୍ୟରୁ ପାଖାପାଖି ୪୦ କୋଟି ମତଦାତା ହେଲେ ଯୁବ ଗୋଷ୍ଠୀର । ଦେଶର ସମୁଦାୟ ଜନସଂଖ୍ୟାର ଶତକଡା ୬୫ ଭାଗ ୩୫ ବର୍ଷରୁ କମ୍ ବୟସର ଅଟନ୍ତି । କିନ୍ତୁ ମତଦାନ ପ୍ରକ୍ରିୟାରେ ଏହି ବର୍ଗଙ୍କ ସକ୍ରିୟ ଯୋଗଦାନର ହାର ଅତ୍ୟନ୍ତ ନିରାଶଜନକ ଅଟେ ।

ରାଜନୈତିକ ପ୍ରକ୍ରିୟା ପ୍ରତି ଯୁବ ବର୍ଗଙ୍କ ବିମୁଖତା ହେଉ ବା ମତଦାନରେ ସକ୍ରିୟ ଯୋଗଦାନରୁ ବିରତ ରହିବା, ଦୁଇଟିଯାକ କାରଣ ବର୍ତ୍ତମାନ ପରିସ୍ଥିତିରେ ଗଣତନ୍ତ୍ର ପାଇଁ ଉପୁଜିଥିବା ସଙ୍କଟର ଅନ୍ୟତମ ମୁଖ୍ୟ କାରଣ ଅଟେ ।

ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଦ୍ୱାରା ଅନେକ ଯୁବ ନେତୃତ୍ୱ ସୃଷ୍ଟି ହେଉଥିଲା । ଏହି ପ୍ରକ୍ରିୟାରେ ଛାତ୍ରଛାତ୍ରୀମାନେ ମଧ୍ୟ ରାଷ୍ଟ୍ର ଗଠନ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତି । ଏହି ଦାୟିତ୍ୱବୋଧ ସେମାନଙ୍କୁ ଅନେକାଂଶରେ ଉତ୍ସାହିତ କରିଥାଏ । ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରାଯାଇ ଯୁବ ନେତୃତ୍ୱ ସୃଷ୍ଟି କରିବାର ସୁଯୋଗକୁ ପରୋକ୍ଷ ଭାବରେ ସଙ୍କୁଚିତ କରାଗଲା।

ଜୀବନଜୀବିକା ପାଇଁ ପ୍ରବାସୀ ରାଜ୍ୟରେ ବାସ କରୁଥିବା ଯୁବକ ଯୁବତୀମାନେ ନିର୍ବାଚନ ସମୟରେ ନିଜ ରାଜ୍ୟର ନିର୍ବାଚନ ମଣ୍ଡଳୀକୁ ଆସି ମତଦାନ ସାବ୍ୟସ୍ତ କରିବା ସବୁ ସମୟରେ ସମ୍ଭବପର ହୋଇ ପାରେ ନାହିଁ । କେବଳ ମତଦାନ କରିବାକୁ ଆସି ଅର୍ଥ ଓ ସମୟ ନଷ୍ଟ କରିବା ସମୁଚିତ ମନେ କରନ୍ତି ନାହିଁ ।

ଏତଦ୍ ବ୍ୟତୀତ ଗ୍ରାମାଞ୍ଚଳରେ ବାସ କରୁଥିବା ବ୍ୟକ୍ତି ବିଶେଷ ରାଜନୈତିକ ପରିବର୍ତ୍ତନରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହେଉଥିବାରୁ ସେମାନେ ସ୍ଥାନୀୟ ରାଜନୀତିରେ ବିଶେଷ ଆଗ୍ରହ ବା ରୁଚି ରଖନ୍ତି । କିନ୍ତୁ ସହରାଞ୍ଚଳ ବା ଅନ୍ୟ ରାଜ୍ୟରେ ବାସ କରୁଥିବା ବ୍ୟକ୍ତିମାନେ ତାଙ୍କର ବ୍ୟସ୍ତବହୁଳ ଜୀବନ ସହିତ ତାଙ୍କ ଅଞ୍ଚଳର ରାଜନୀତି ଦ୍ୱାରା ବିଶେଷ ଲାଭ ବା କ୍ଷତି ହେବାର ସମ୍ଭାବନା ନ ଥିବାର ଅନୁମାନ କରି ସେ ସମ୍ପର୍କରେ ଖବର ରଖିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ ।

ବିଦେଶରେ ରହୁଥିବା ଭାରତୀୟ ନାଗରିକ, ସାମରିକ ବାହିନୀର କର୍ମଚାରୀ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିବା ନାଗରିକମାନଙ୍କ ପାଇଁ ଯେପରି ଅନଲାଇନ୍ ଭୋଟ ଦେବାର ବ୍ୟବସ୍ଥା ରହିଛି ସେହିପରି ପ୍ରବାସୀ ରାଜ୍ୟରେ ବସବାସ କରୁଥିବା ଯୁବବର୍ଗଙ୍କ ପାଇଁ ଅନଲାଇନ୍ ଭୋଟ ଦେବାର ବ୍ୟବସ୍ଥା କରାଗଲେ ଅଧିକ ସଂଖ୍ୟାରେ ଯୁବ ବର୍ଗ ମତଦାନ ପ୍ରକ୍ରିୟାରେ ସାମିଲ ହୋଇ ପାରନ୍ତେ ।

ମହାରାଷ୍ଟ୍ର ପରି ରାଜ୍ୟରେ ଜନସଂଖ୍ୟାର ପାଞ୍ଚ ପ୍ରତିଶତ ମତଦାତା ୧୮-୧୯ ବର୍ଷ ବୟସର ହୋଇଥିଲେ ମଧ୍ୟ ରାଜ୍ୟରେ ସେହି ବର୍ଗର ପଞ୍ଜୀକୃତ ମତଦାତାଙ୍କ ସଂଖ୍ୟା ଏକ ପ୍ରତିଶତରୁ ମଧ୍ୟ କମ୍ ଅଟେ । ସେହିପରି ଦେଶର ଶତକଡା ୬୫ ଭାଗ ଲୋକସଂଖ୍ୟା ୩୫ ବର୍ଷ ବୟସରୁ କମ୍ । ମାତ୍ର ଚଳିତ ଲୋକସଭା ସଦସ୍ୟ ମାନଙ୍କର ହାରାହାରି ବୟସ ୫୪ ବର୍ଷ ହୋଇଥିବା ବେଳେ ଲୋକସଭାରେ ଯୁବବର୍ଗଙ୍କ (୪୦ ବର୍ଷରୁ କମ୍) ପ୍ରତିନିଧିତ୍ୱ ମାତ୍ର ୧୨% ଅଟେ ।

ଅନେକ ସମୟରେ ଆମ ସମ୍ମୁଖରେ ଘଟୁଥିବା କିଛି ସମ୍ବେଦନଶୀଳ ଓ ଅଭାବନୀୟ ଘଟଣା ମନକୁ ବ୍ୟଥିତ କରେ । ଇଚ୍ଛା ହୁଏ, ଯଦି ମୋ ପାଖରେ ଯଦି ନୀତି ନିର୍ଦ୍ଧାରଣ କରିବାର କ୍ଷମତା ଥାଆନ୍ତା ତେବେ ମୁଁ କିଛି କରି ପାରିଥାଆନ୍ତି ।

ଗାନ୍ଧିଜୀଙ୍କ ମତରେ, 'ଆମେ ସମସ୍ତେ ଜଣେ ଜଣେ ରାଜନୈତିକ ବ୍ୟକ୍ତି । ଗଣତନ୍ତ୍ରରେ ରାଜନୀତି ଏକ ସାମାଜିକ କାର୍ଯ୍ୟ । କିନ୍ତୁ ରାଜନୀତି କେବଳ କ୍ଷମତା ପ୍ରାପ୍ତି ପାଇଁ ନୁହେଁ କିମ୍ବା ରାଜନୈତିକ କ୍ଷମତା ଲୋକଙ୍କ ସେବା ପାଇଁ ଏକମାତ୍ର ବିକଳ୍ପ ନୁହେଁ ।'

ତେଣୁ ଏବେ ସମୟ ଆସିଛି ଆମେ କିଛି କରିବାର । ତାହା ହେଲା ସଠିକ୍ ଭାବରେ ପ୍ରାର୍ଥୀ ଚୟନ କରି ଆମର ମତଦାନ ସାବ୍ୟସ୍ତ କରିବା ।

ଅନେକଙ୍କ କ୍ଷୋଭ ରହିଛି ଯେ ଆବ୍ରାହମ୍ ଲିଙ୍କନଙ୍କ ଗଣତନ୍ତ୍ରର ସଂଜ୍ଞାର ରୂପାନ୍ତରିତ ହୋଇସାରିଛି । ମାଙ୍କଡ଼ ହାତରେ ଏବେ ଗଣତନ୍ତ୍ର । ଯିଏ ଯେମିତି ଚାହୁଁଛି ସେମିତି ନଚାଉଛି ବା ନାଚୁଛି । ନୀତି ବିହୀନ ରାଜନୀତି, ନୈତିକତା ବିହୀନ ବାଣିଜ୍ୟ ବ୍ୟବସାୟ, ଚରିତ୍ର ବିହୀନ ଶିକ୍ଷା, ଶ୍ରମ ବିହୀନ ସମ୍ପଦ, ବିବେକ ବିହୀନ ବିଳାସ, ମାନବିକତା ବିହୀନ ବିଜ୍ଞାନ, ତ୍ୟାଗ ବିହୀନ ଉପାସନା ପରି ସାତୋଟି ଭୟଙ୍କର ପାପରୁ ନିବୃତ୍ତ ରହିବା ପାଇଁ ଗାନ୍ଧୀ ସବୁବେଳେ କହୁଥିଲେ ଯାହା ସାଂପ୍ରତିକ ପରିସ୍ଥିତିରେ କେତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ତାହା ଆମେ ସମସ୍ତେ ଅନୁଭବ କରୁଛୁ ।

କିନ୍ତୁ ଏବେ ମଧ୍ୟ ଗଣତନ୍ତ୍ର ରାଷ୍ଟ୍ରରେ ଏକ ନାଗରିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଆମ ଭାଗ୍ୟ ଆମେ ନିର୍ଦ୍ଧାରଣ କରିବାର ସମୟ ଉପନୀତ । ଖାଲି ସମାଲୋଚନା ବା ଅନ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରିଦେଲେ ଯେ ଏକ ସୁସ୍ଥ ସମାଜର ନାଗରିକର ଦାୟିତ୍ୱ,କର୍ତ୍ତବ୍ୟ ପାଳନ ହୋଇଯାଏ ତାହା ନୁହେଁ, ପ୍ରତି ନାଗରିକ ଯଦି ନିଜର ଭୂମିକା ନିର୍ବାହ ଦିଗରେ ସଚେତନ ହୁଏ ତେବେ ଗଣତନ୍ତ୍ରକୁ ଥିବା ଆସନ୍ନ ବିପଦରୁ ରକ୍ଷା କରି ପାରିବା ।

ସାମ୍ପ୍ରତିକ ପରିସ୍ଥିତିରେ ଏହାର ଏକମାତ୍ର ଉପାୟ ହେଲା ମତଦାନ ପ୍ରକ୍ରିୟାରେ ନିଜର ସକ୍ରିୟ ଯୋଗଦାନ । ଅର୍ଥାତ୍ ନିର୍ଭୀକ ଓ ନିରପେକ୍ଷ ମତାମତ । ଆମ ରାଷ୍ଟ୍ରର ଭାଗ୍ୟ ଆମ ହାତରେ, ପରୋକ୍ଷ ଭାବରେ ଆମର ଉନ୍ନତି କିମ୍ବା ଅବନତି ପାଇଁ ଆମେ ହିଁ ଦାୟୀ ।

ଆମକୁ ମନେ ରଖିବାକୁ ପଡ଼ିବ - ସରକାର କହିଲେ କିଏ ? 'ସାମୂହିକ ମୁଁ' ହିଁ ସରକାର ।

ବିଧିବ୍ୟବସ୍ଥା ନିୟମକାନୁନର ଏକ ବ୍ୟବସ୍ଥିତ ଶୃଙ୍ଖଳିତ ସମାଜ ସୃଷ୍ଟି କରିବା 'ସାମୂହିକ ମୁଁ'(ଆମେ)ର ଉତ୍ତରଦାୟିତ୍ୱ ହୋଇଥଲା ବେଳେ ଯଦି ବ୍ୟକ୍ତିଗତ 'ମୁଁ'ର ଆତ୍ମସମ୍ମାନ, ସ୍ୱାଭିମାନ,ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସହିତ ନୈତିକ ମୂଲ୍ୟଯୁକ୍ତ ଦାୟିତ୍ୱ ଓ କର୍ତ୍ତବ୍ୟର ପାଳନ କରାଯାଇଥାଏ ତେବେ ଏକ ସୁସ୍ଥ ସମାଜ ଓ ଲୋକାଭିମୁଖୀ ସରକାର ଅବଶ୍ୟମ୍ଭାବୀ ।

ସ୍ୱାଧୀନଚେତା ଭାବରେ ବଞ୍ଚିବା ଏକ ବ୍ୟକ୍ତିର ଜନ୍ମ ସିଦ୍ଧ ଅଧିକାର । ସ୍ୱାଧୀନଚେତା ହେବାକୁ ପଡ଼ିବ ।

ବିଶିଷ୍ଟ ଐତିହାସିକ ଗେଟେଲଙ୍କ ମତରେ ଗଣତନ୍ତ୍ରରେ ଜନମତର ସାର୍ବଭୌମ କ୍ଷମତା ରହିଛି । ଗଣତନ୍ତ୍ର ହେଉଛି ଜନମତ ସମର୍ଥିତ ଏକ ସରକାର । ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀ ମାନଙ୍କ ଉଦାସୀନତା ଯୋଗୁ ଗଣତନ୍ତ୍ର ଆଜି କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ସ୍ୱାର୍ଥକୁ ପୂରଣ କରିବାର ଏକ ମାଧ୍ୟମ ପାଲଟିଛି ।

ଆମ ସମସ୍ତେ ନିଜର ଉତ୍ତରଦାୟିତ୍ୱ ପ୍ରତି ସଚେତନ ହେବା । ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତି ଭୋଟର ତାଲିକାରେ ନାମ ପଞ୍ଜୀକୃତ କରନ୍ତୁ । ନିଜ ନିଜର ମତଦାନ କେନ୍ଦ୍ରକୁ ଯାଇ ନିର୍ଭୀକ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ମତ ଦାନ କରନ୍ତୁ ।

ବାହୁବଳ, ଅର୍ଥବଳ ବା କ୍ଷମତାର ସାମୟିକ ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ଉପଯୁକ୍ତ ପ୍ରାର୍ଥୀ ଚୟନ କରନ୍ତୁ । ସେହି ପ୍ରାର୍ଥୀ ଚୟନ କରନ୍ତୁ ଯିଏ ସବୁ ସମୟରେ ଆପଣଙ୍କ ସୁବିଧା ଅସୁବିଧାରେ ଆପଣଙ୍କ ନିକଟରେ ରହିବେ ବା ଯାହାଙ୍କ ପାଖରେ ଆପଣ ନିର୍ଦ୍ୱନ୍ଦରେ ପହଞ୍ଚି ପାରିବେ । ଯିଏ ଆପଣଙ୍କ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ସକ୍ଷମ ଓ ଉତ୍ତରଦାୟୀ ହୋଇ ପାରିବେ ସେହିପରି ବ୍ୟକ୍ତିଙ୍କୁ ଚୟନ କରନ୍ତୁ ।

ଏକ୍ଜିଟ ପୋଲ୍ ର ଏକ ସର୍ଭେ ଅନୁଯାୟୀ ଶତକଡା ୬୮ ଭାଗ ଯୁବବର୍ଗ ନୋଟା ସପକ୍ଷରେ ଅଟନ୍ତି । କିନ୍ତୁ ଭୋଟକେନ୍ଦ୍ରକୁ ଯାଇ ମତଦାନ କରିବା ପାଇଁ ଯାଆନ୍ତି ନାହିଁ । ତେଣୁ ଯଦି ଆପଣ ଉପଯୁକ୍ତ ପ୍ରାର୍ଥୀ ଭାବେ କାହାକୁ ବି ଚୟନ କରି ପାରୁ ନାହାନ୍ତି ତେବେ ସେହି ପରିସ୍ଥିତିରେ ମତଦାନ ପ୍ରକ୍ରିୟାରୁ ବିରତି ନ ନେଇ ନୋଟାରେ ମତଦାନ କରି ଆପଣଙ୍କ ପ୍ରତିବାଦକୁ ସାବ୍ୟସ୍ତ କରନ୍ତୁ ।

ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଭାଷାରେ, ନୈତିକତା, ମାନବିକତା ଓ ରାଷ୍ଟ୍ରୀୟତା ଏହି ତିନୋଟି ଥିଲା ମହତ୍ମାଙ୍କ ଶକ୍ତି, ଯାହା ପାଇଁ ସେ ଖୁବ୍ ନିର୍ଭୀକତାର ସହିତ ପ୍ରତିଟି ପ୍ରତିକୂଳ ପରିସ୍ଥିତିକୁ ସାମନା କରି ପାରୁଥିଲେ ।

ଏକ ଗଣତନ୍ତ୍ର ରାଷ୍ଟ୍ରରେ ଆପଣଙ୍କ ପରି ଏକ ସଚେତନ ନାଗରିକ ବିଶେଷ କରି ଯୁବ ଗୋଷ୍ଠୀର ନିର୍ଭୀକ ଓ ନିରପେକ୍ଷ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ସବୁବେଳେ ମନେ ରଖନ୍ତୁ: ଆପଣଙ୍କ ଗୋଟିଏ ଭୋଟ୍ ଅନେକ ବ୍ୟକ୍ତିଙ୍କ ଭାଗ୍ୟ ନିର୍ଦ୍ଧାରଣ କରେ ।



# ‘ପୃଥିବୀ କେବଳ ମଣିଷର ନୁହେଁ, ଯେକୌଣସି ମୂଲ୍ୟ ଦେଇ ଜଙ୍ଗଲ ରକ୍ଷା କରିବାକୁ ପଡ଼ିବ’



**ନୂଆଦିଲ୍ଲୀ :** ‘ପୃଥିବୀ କେବଳ ମଣିଷର ନୁହେଁ। ଏହା ଉପରେ ମଣିଷ ସମେତ ଜୀବଜନ୍ତୁଙ୍କର ବି ଅଧିକାର ରହିଛି। ତେଣୁ ଯେକୌଣସି ମୂଲ୍ୟ ଦେଇ ବି ଆମକୁ ଜଙ୍ଗଲକୁ ରକ୍ଷା କରିବାକୁ ପଡ଼ିବ।’ ଏକ ମାମଲାର ଶୁଣାଣି କରି ଏପରି ମନ୍ତବ୍ୟ ଦେଇଛନ୍ତି ସୁପ୍ରିମକୋର୍ଟ।

ଆନ୍ଧ୍ର ପ୍ରଦେଶର ମହମ୍ମଦ ଅବଦୁଲ କ୍ୱାସିମ ନାମକ ବ୍ୟକ୍ତି ୧୯୮୦ ମସିହାରୁ ଏକ ଜଙ୍ଗଲ ଜମିକୁ ନିଜ ନାମରେ କରିବାକୁ ଚେଷ୍ଟା ଚଳାଇ ଆସିଛନ୍ତି। ତେଲେଙ୍ଗାନା ସରକାର ଏହି ମାମଲାରେ ବିବାଦୀୟ ପକ୍ଷ ନେଉଥିବାରୁ ସୁପ୍ରିମ କୋର୍ଟ ୫ ଲକ୍ଷର ଜରିମାନା ପକାଇଛନ୍ତି। ଜଷ୍ଟିସ୍ ଏମ୍ ଏମ୍ ସୁନ୍ଦ୍ରେଶ ଓ ଏସ୍ ଭି ଏନ୍ ଭାଟିଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ତେଲେଙ୍ଗାନା ସରକାରଙ୍କ ଉପରେ ବର୍ଷିଥିଲେ।

ଏନେଇ ସୁପ୍ରିମକୋର୍ଟ ବିଚାରପତି କହିଛନ୍ତି, ପରିବେଶର ସୁରକ୍ଷା କରିବା ସହ ଆମେ ଜଙ୍ଗଲ ତଥା ଧରା ପୃଷ୍ଠରେ ଥିବା ଜୀବଜନ୍ତୁଙ୍କୁ ସୁରକ୍ଷା ଦେବାକୁ ବଦ୍ଧ ପରିକର ହେବା ଆବଶ୍ୟକ। ପାଣିପାଗ ପରିବର୍ତ୍ତନ ପରି ବଡ଼ ବିପଦରୁ ଦେଶ ତଥା ପୃଥିବୀକୁ ରକ୍ଷା କରିବା ନିମନ୍ତେ ଆମକୁ ଜଙ୍ଗଲକୁ ରକ୍ଷା କରିବାକୁ ପଡ଼ିବ। କାରଣ ସମସ୍ତଙ୍କର ବଞ୍ଚିବାର ଅଧିକାର ରହିଛି।

ପୂର୍ବରୁ ଆନ୍ଧ୍ର ପ୍ରଦେଶ ହାଇକୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିବା ବେଳେ ଜଙ୍ଗଲ ଜମି ଉପରେ ବ୍ୟକ୍ତିବିଶେଷଙ୍କୁ ଅଧିକାର ଦିଆଯାଇ ପାରିବନି ବୋଲି ହାଇକୋର୍ଟ ସ୍ପଷ୍ଟ ରାୟ ପ୍ରକାଶ କରିଥିଲେ। ଏହାପରେ ମହମ୍ମଦ ଅବଦୁଲ କ୍ୱାସିମ ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଏଥିସହ ସୁପ୍ରିମ କୋର୍ଟ କହିଛନ୍ତି, ଆମ ପରିବେଶର ସନ୍ତୁଳନ ବଜାୟ ରଖିବା ସହ, ଜଳ, ଜମି, ଜଙ୍ଗଲ, ଜୀବଜନ୍ତୁ ଆଦିକୁ ସୁରକ୍ଷା ଯୋଗାଇ ଦେବା ପ୍ରତି ନାଗରିକଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। କାରଣ ପୃଥିବୀ ମଣିଷର ନୁହେଁ, ବରଂ ମଣିଷ ପୃଥିବୀ ଅଧୀନରେ ଆସୁଛି ବୋଲି କହିଛନ୍ତି ସୁପ୍ରିମକୋର୍ଟ।

# ଭୋଟ ଦେଲେ ପାଣି ମିଳିବ କହିବାରୁ ଡିକେ ଶିବକୁମାରଙ୍କ ନାଁରେ ମାମଲା

**ନୂଆଦିଲ୍ଲୀ:** କର୍ଣ୍ଣାଟକା ଉପ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ଅଡୁଆ ବଢ଼ିଛି। ସେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏଥିପାଇଁ ତାଙ୍କ ନାଁରେ ଥାନାରେ ମାମଲା ରୁଜୁ କରାଯାଇଛି। କଂଗ୍ରେସ ପାଇଁ ବେଙ୍ଗାଲୁରୁରେ ପ୍ରଚାର କରିବା ବେଳେ ପାଣି ବଦଳରେ ଭୋଟ ଦେବାକୁ ସେ ଲୋକଙ୍କୁ କହିଥିବା ଗୋଟିଏ ଭିଡିଓ ସାମ୍ନାକୁ ଆସିଛି।

ଗ୍ରାମୀଣ ବେଙ୍ଗାଲୁରୁର ଡିକେ ସୁରେଶ କଂଗ୍ରେସ ଟିକେଟରୁ ନିର୍ବାଚନ ଲଢୁଛନ୍ତି। ସୁରେଶ ହେଉଛନ୍ତି ଶିବକୁମାରଙ୍କ ଭାଇ। ତାଙ୍କ ପାଇଁ ପ୍ରଚାର କରିବା ବେଳେ ଶିବକୁମାର କହିଥିଲେ ଯେ ଯଦି ଲୋକମାନେ ଡିକେ ସୁରେଶଙ୍କୁ ଭୋଟ ଦେବେ, ତା’ହେଲେ କାବେରୀ ନଦୀରୁ ପାଣି ସମସ୍ତଙ୍କୁ ଯୋଗାଇ ଦିଆଯିବ। ଏହାର ଭିଡିଓ ଭାଇରାଲ ହେବା ପରେ ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି ଯେ ଶିବକୁମାରଙ୍କ ଭାଷଣ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଙ୍ଘନ କରୁଛି। ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ସେ ଖୋଲାଖୋଲି ଭାବେ ଲାଞ୍ଚ କାରବାର କଥା କହୁଥିବାରୁ ତାଙ୍କ ବିରୋଧରେ ପୁଲିସ୍‌ରେ ମାମଲା କରାଯାଇଛି।

ସାମ୍ନାକୁ ଆସିଥିବା ଭିଡିଓରେ ଶିବକୁମାର ସ୍ପଷ୍ଟ ଭାବେ ଗୋଟିଏ ହାଉସିଂ ସୋସାଇଟିକୁ କହୁଛନ୍ତି ଯେ “ମୁଁ ଏଠାରେ ଗୋଟିଏ ବିଜନେସ ମିଟିଂ ପାଇଁ ଆସିଛି। ଆପଣମାନେ କାବେରୀ ପାଣି ଚାହୁଁଛନ୍ତି। ବାକି ସବୁ ପ୍ରସଙ୍ଗ ଛୋଟ। ଯଦି ମୁଁ ପାଣି ଯୋଗାଇ ଦେବି, ତା’ହେଲେ ଆପଣମାନେ ମୋ ପାଇଁ କ’ଣ କରିବେ ? ମୁଁ କମିଶନରଙ୍କ ସହ ଏ ପ୍ରସଙ୍ଗରେ କଥା ହୋଇଛି।

କ’ଣ କରାଯାଇ ପାରିବ ମୁଁ ତାଙ୍କୁ ପଚାରିଛି। ମୁଁ ଶେୟାରିଂ ଓ କେୟାରିଂରେ ବିଶ୍ୱାସ କରେ। ଆପଣମାନେ ମୋ ଉପରେ ବିଶ୍ୱାସ ଦେଖାଇଲେ ମୁଁ ମଧ୍ୟ ଆପଣଙ୍କ କଥା ବୁଝିବି। ଆପଣମାନେ ପ୍ରାର୍ଥୀଙ୍କ ପାଇଁ ନୁହେଁ, ବୁଥ ଅନୁସାରେ ଭୋଟ ଦେଉଛନ୍ତି। ମୁଁ ଉପ ମୁଖ୍ୟମନ୍ତ୍ରୀ। ବିଡିଏ, ବେଙ୍ଗାଲୁରୁ ଓ ପାଣି ମନ୍ତ୍ରୀ। ମୁଁ ଆଜି ଏଠାକୁ ଆସିଛି। ଆପଣଙ୍କ ପକେଟରେ ସବୁ କିଛି ଅଛି। ମୁଁ ଆପଣଙ୍କ ଘରୁ ଆସିଛି। ମୋର ବ୍ୟବହାର କରନ୍ତୁ ଓ ମୋ ସପକ୍ଷରେ ଭୋଟ ଦିଅନ୍ତୁ। ୨ରୁ ୩ ମାସ ମଧ୍ୟରେ ଆପଣମାନଙ୍କୁ ସବୁ ସମସ୍ୟାର ସମାଧାନ ମୁଁ କରିଦେବି।”



ଦୀର୍ଘ ୨ ମାସ ହେଲାଣି ବେଙ୍ଗାଲୁରୁବାସୀ ପାଣି ସଙ୍କଟର ସମ୍ମୁଖୀନ ହେଉଛନ୍ତି। ବେଙ୍ଗାଲୁରୁକୁ କାବେରୀ ଓ ଭୂତଳ ଜଳ ମିଳିଥାଏ। ରିସାଇକେଲ ପ୍ରକ୍ରିୟା ଦ୍ୱାରା ଲୋକଙ୍କୁ ପିଇବା ପାଣି ଯୋଗାଇ ଦିଆଯାଏ। କିନ୍ତୁ ବର୍ଷାର ଅଭାବ ଯୋଗୁ ପାଣିର ସଙ୍କଟ ଦେଖିବାକୁ ମିଳିଛି।

ଏବେ ଡିକେ ଶିବକୁମାର କାବେରୀ ପାଣି ପାଇଁ ଲୋକଙ୍କ ଆଗରେ ଭୋଟ ଦେବାକୁ ସର୍ତ୍ତ ରଖିଛନ୍ତି। କର୍ଣ୍ଣାଟକାରେ ଆସନ୍ତା ଏପ୍ରିଲ ୨୬ ଓ ମେ’ ୭ରେ ଦୁଇଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ।

# ସୌମ୍ୟା ବିଶ୍ୱନାଥନ ହତ୍ୟା ମାମଲା: ଦୋଷୀଙ୍କ ଜାମିନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ



**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟରେ ପହଞ୍ଚିଲା ବହୁ ଚର୍ଚ୍ଚିତ ସାମ୍ବାଦିକ ସୌମ୍ୟା ବିଶ୍ୱନାଥନ୍ ହତ୍ୟା ମାମଲା। ସମସ୍ତ ୪ ଦୋଷୀଙ୍କ ଜାମିନ୍‌କୁ ବିରୋଧ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ପୀଡିତ ପରିବାର। ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି ପୀଡିତ ପରିବାର।

ଫେବ୍ରୁଆରୀ ମାସରେ ଦିଲ୍ଲୀ ହାଇକୋର୍ଟ ସୌମ୍ୟା ବିଶ୍ୱନାଥନ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଚାରି ଜଣଙ୍କ ଦଣ୍ଡକୁ ସ୍ଥଗିତ ରଖିଥିଲେ ଏବଂ ସେମାନଙ୍କୁ ଜାମିନ ପ୍ରଦାନ କରିଥିଲେ। ସମସ୍ତ ଦୋଷୀ ୧୪ ବର୍ଷ ୯ ମାସ ହେବ ଦଣ୍ଡ ଭୋଗି ସାରିଲେଣି। ଏହି ଆବେଦନକୁ ସମାଧାନ କରିବାକୁ ସମୟ ଲାଗିବ। ଏଥିପାଇଁ ଦୋଷୀଙ୍କୁ ଜାମିନରେ ମୁକ୍ତ କରାଯାଉ ବୋଲି ଦିଲ୍ଲୀ ହାଇକୋର୍ଟ କହିଥିଲେ।

ତେବେ ହାଇକୋର୍ଟଙ୍କ ଏହି ରାୟକୁ ପୀଡିତ ପରିବାର ବିରୋଧ କରିଛନ୍ତି। ଏହାକୁ ନେଇ ସୌମ୍ୟାଙ୍କ ପରିବାର ଲୋକେ ସର୍ବୋଚ୍ଚ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ସୁପ୍ରିମକୋର୍ଟରେ ଏହି ଆବେଦନର ଶୁଣାଣି ହୋଇପାରେ।

୨୦୦୮ ନଭେମ୍ବର ୩୦ ତାରିଖରେ ଦିଲ୍ଲୀ ସାକେତ କୋର୍ଟ ସୌମ୍ୟା ବିଶ୍ୱନାଥନର ହତ୍ୟା ମାମଲାରେ ରବି କପୁର, ଅମିତ ଶୁକ୍ଳା, ବଲଜିତ ସିଂହ ମଲିକ ଓ ଅଜୟ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

**TARIFF**

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
Follow / Like / Subscribe :
Voice Of Victims News

Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
**ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**